ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 32 | 07 - 13 August 2022 | Sambalpur | Page- 8 | Invitation Price Rs.10

# ମହାସମାରୋହରେ ପାଳିତ ହେଲା 'ସମ୍ବଲପୁରୀ ଦିନ'











ସମ୍ବଲପୁର : ୨୦୧୩ ମସିହାରୁ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜୟନ୍ତୀ ଅବସରରେ ଅଗଷ୍ଟ ୧ ତାରିଖ ଦିନ ପାଳିତ ହୋଇ ଆସୁଥିବା 'ସମ୍ବଲପୁରୀ ଦିନ୍' କ୍ରମେ ଏକ ସାର୍ବଜନୀନ ମହୋତ୍ସବର ରୂପ ନେଇଛି । ସଂସ୍କୃତିର ସହର ସମ୍ବଲପୁରରେ ଏହା ମହାଆଡ଼ମ୍ବରରେ ପାଳିତ ହୋଇ ଥିଲାବେଳେ ପଶ୍ଚିମ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରେ ଉତ୍ସାହର ସହ ପାଳନ କରାଯାଇଥିଲା । ଚଳିତ ବର୍ଷ ରାଜଧାନୀ ଭୁବନେଶ୍ୱରରେ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର ଭଳି ଜିଲ୍ଲାରେ କାର୍ଯ୍ୟକ୍ରମକୁ ନେଇ ସରକାରୀ ନିର୍ଦ୍ଦେଶନାମା ଏହି ମହୋତ୍ସବକୁ ଏକପ୍ରକାର ସରକାରୀ ସ୍ୱୀକୃତି ଦେଇଛି । ପଶ୍ଚିମାଞ୍ଚଳ ଏକତା ମଞ୍ଚ ତରଫରୁ ସମ୍ବଲପୁରରେ ମୁଖ୍ୟ କାର୍ଯ୍ୟକ୍ରମ ସହ ରାଜ୍ୟର କଟକ ଓ ବ୍ରହ୍ମପୁର ସମେତ ୨୦ରୁ ଅଧିକ ସ୍ଥାନରେ ଏକକାଳୀନ ସମ୍ବଲପୁରୀ ଦିନ୍ ପାଳନ କରାଯାଇଛି । ସେହିପରି ସମ୍ବଲପୁରୀ ଏକତା ମଞ୍ଚ ତରଫରୁ ପ୍ରଥମ ଥର ପାଇଁ ଏହାକୁ ଆକର୍ଷଣୀୟ ଢଙ୍ଗରେ ଆୟୋଜନ କରା ଯାଇଥିଲା ।

ସମ୍ବଲପୁରୀ ଦିନର ସପ୍ତାହେ ପୂର୍ବରୁ ସମ୍ବଲପୁରବାସୀ କେବଳ ସମ୍ବଲପୁରୀ ପୋଷାକ ପିନ୍ଧିବା ଆରମ୍ଭ କରିଥିଲେ । ଉତ୍ସବ ଦିନ ସକାଳୁ ଛୁଆରୁ ବୁଢ଼ା ପର୍ଯ୍ୟନ୍ତ ଆବାଳ ବୃଦ୍ଧ ବନିତାଙ୍କୁ ସମ୍ବଲପୁରୀ ବେଶ ପୋଷାକରେ ଦେଖିବାକୁ ମିଳିଥିଲା । ବହୁ ଲୋକ ଏହି ଦିନ ପାଇଁ ନୂଆନୂଆ ଡିଜାଇନର ସମ୍ବଲପୁରୀ ପୋଷାକ ତିଆରି କରି ରଖିଥିଲେ । ଦିନ ୨ଟାରୁ ଉଭୟ ଉତ୍ସବ ସ୍ଥଳ ଜେଲ୍ ଛକ ନେଲସନ ମାଣ୍ଡେଲା ଛକ ରାସ୍ତା ଓ ଟାଉନ୍ ହଲ୍ ପଡ଼ିଆରେ ଭିଡ଼ ଜମିବା ଆରମ୍ଭ ହୋଇ ଯାଇଥିଲା । ସଂଧ୍ୟା ୪ଟା ବେଳକୁ ରାସ୍ତାଘାଟ ଲୋକାରଣ୍ୟ ହୋଇ ଉଠିଥିଲା ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)





ଏ ସଂଖ୍ୟାରେ..



# ଜୟନାରାୟଣ ମିଶ୍ର ହେଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର : ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ନୂଆ ବିରୋଧୀ ଦଳ ନେତା ଭାବେ ମନୋନୀତ ହୋଇଛନ୍ତି । ବିଜେପି ବିଧାୟକ ଦଳ ବୈଠକରେ



ସର୍ବସମ୍ମତି କ୍ରମେ ତାଙ୍କୁ ନିର୍ବାଚିତ କରାଯାଇଥିବା ନେଇ ବିଜେପିର ଓଡ଼ିଶା ଦାୟିତ୍ୱରେ ଥିବା ସହପ୍ରଭାରୀ ବିଜୟପାଲ ସିଂ ତୋମାର୍ ଘୋଷଣା କରିଛନ୍ତି । ବିରୋଧୀ ଦଳ ନେତା ପଦରେ ଥିବା ପ୍ରଦୀପ୍ତ କୁମାର ନାୟକ ଅସୁସ୍ଥତା କାରଣରୁ ଦୀର୍ଘ ଦୁଇ ବର୍ଷ ଧରି ବିଧାନସଭା ଆସିପାରୁ ନାହାନ୍ତି । ଏବେ ସେ ଦିଲ୍ଲୀ ମେଦାନ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏଣୁ ତାଙ୍କ ସ୍ଥାନରେ ନୂତନ ବିରୋଧୀ ଦଳ ନେତା ଚୟନ କରାଯାଇଛି । ଜୟନାରାୟଣ ୨୦୦୦ ମସିହାରେ ସମ୍ବଲପୁର ବିଧାନସଭା ଆସନରୁ ପ୍ରଥମ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେତେବେଳେ ବିଜେଡି ଓ ବିଜେପି ମେଣ୍ଟ ସରକାର ଥିଲା । ଦ୍ୱାଦଶ ବିଧାନସଭାରେ ସେ ସରକାରୀ ଉପମୁଖ୍ୟ ସଚେତକ ଦାୟିତ୍ୱରେ ଥିଲେ । ୨୦୦୪ ରୁ ୨୦୦୯ ପର୍ଯ୍ୟନ୍ତ ବାଣିଜ୍ୟ ଓ ପରିବହନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଥିଲେ । ତାଙ୍କ ସମୟରେ ପରିବହନ ବିଭାଗର ଓଡ଼ିଶା ମୋଟର ଯାନ କର ସଂଶୋଧନ ଆଇନ ଆସିଥିଲା । ୨୦୦୯ ରେ ପୁଣି ବିଜେପିରୁ ବିଧାୟକ ଭାବେ ଜିତିଥିଲେ । ଲଗାତାର ତିନି ଥର ଜିତିବା ପରେ ୨୦୧୪ ନିର୍ବାଚନରେ ସେ ହାରି ଯାଇଥିଲେ । କିନ୍ତୁ ୨୦୧୯ ରେ ପୁଣି ଜିତିଥିଲେ ସମ୍ବଲପୁର ନିର୍ବାଚନ ମଣ୍ଡଳୀରୁ ।

## ଅଜିତ ବେହୁରା ଏମ୍‌ସିଏଲ୍‌ର ନୂଆଁ ବିତ୍ତ ନିର୍ଦ୍ଦେଶ

ବୁର୍ଲା : ଏମ୍.ସି.ଏଲ୍‌ର ନୂତନ ବିତ୍ତ ନିର୍ଦ୍ଦେଶକ ଭାବେ ଅଜିତ କୁମାର ବେହୁରା କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ଏମ୍‌ସିଏଲ୍ ମୁଖ୍ୟାଳୟରେ ଉପ ମହାପ୍ରବନ୍ଧକ (ଅର୍ଥ) ଭାବେ କାର୍ଯ୍ୟରତ ଥିଲେ । ଶ୍ରୀ ବେହୁରା ୧୯୯୩ ମସିହାରେ ଏନ୍‌ଏଚ୍‌ପିସିରୁ ନିଜ ଚାକିରୀ ଜୀବନ ଆରମ୍ଭ କରିଥିଲେ । ପରେ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ସହାୟକ କମ୍ପାନୀ ଏମ୍‌ସିଏଲ୍‌ରେ ଯୋଗ ଦେଇ ୧୯୯୨ରେ ଆକାଉଣ୍ଟସ ଅଫିସର



ଭାବେ କାର୍ଯ୍ୟାରମ୍ଭ କରିଥିଲେ । ଶ୍ରୀ ବେହୁରା ଏମ୍‌ସିଏଲ୍‌ରେ ସାପ୍-ଫିକୋ ମୋଡ୍ୟୁଲ୍ ପ୍ରଚଳନ କରିଥିଲେ ।ସେ ଏମ୍‌ସିଏଲ୍‌ର ସହାୟକ କମ୍ପାନୀ ଏମ୍‌ଏନ୍‌ଏଚ୍ ଲିମିଟେଡ୍‌ର ମୁଖ୍ୟ ଅର୍ଥ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି । ସେ ୧୯୬୬ ମସିହାରେ କେନ୍ଦ୍ରପଡ଼ା ଜିଲ୍ଲା ଜୟକୃଷ୍ଣପୁରରେ ଜନ୍ମଗ୍ରହଣ କରିଥିଲେ । କେନ୍ଦ୍ରପଡ଼ା ଜିଲ୍ଲା ଇନ୍ଦୁପୁର ଉଚ୍ଚ ବିଦ୍ୟାଳୟରୁ ପଢ଼ା ଶେଷ କରିବା ପରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ବାଣିଜ୍ୟ ସ୍ନାତକ ଉପାଧି ହାସଲ କରିଥିଲେ । ପରେ ସେ ପୁରୀ ଏସ୍‌ସିଏସ୍ କଲେଜ୍‌ରୁ ବାଣିଜ୍ୟ ସ୍ନାତକୋତ୍ତର ଉପାଧି ଲାଭ କରିଥିଲେ । ସେ ୧୯୯୨ରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆରୁ କଷ୍ଟ୍ ଆକାଉଣ୍ଟାଣ୍ଟ ଡିଗ୍ରୀ ହାସଲ କରିଥିଲେ ।



ଗୁଣକାରୀ ଅଦା



ଶାରୀରିକ ସମସ୍ୟା ଦୂର କରେ ଖଜୁରୀ



ସ୍ୱାସ୍ଥ୍ୟପ୍ରଦ ଅଶ୍ୱଗନ୍ଧା



ସ୍ୱାସ୍ଥ୍ୟ ଉପକାରୀ କଲରା



ପୋଦିନାର ଉପକାରିତା

## ଭାଗବତ

## ଭିକ୍ଷୁ-ଗୀତା

ଉଦ୍ଧବ ଭଗବାନଙ୍କଠାରୁ ନିର୍ଦ୍ଦେଶ ପାଇ ବ୍ୟାକୁଳ ଚିତ୍ତରେ କହିଲେ, ପ୍ରଭୁ । ଆପଣ ବି ମୋ ସହିତ ଚାଲନ୍ତୁ ।' ଭଗବାନ୍ କହିଲେ, ' ଉଦ୍ଧବ ! ଏହି ଶରୀର ଧାରଣ କରି ଆଉ ମୁଁ ତୁମ ସହିତ କେଉଁଆଡ଼େ ଯାଇପାରିବି ନାହିଁ । ମୋର ଚୈତନ୍ୟ-ସ୍ୱରୂପ ତୁମର ହୃଦୟରେ ଅଛି । ମୁଁ ତୁମର ସାକ୍ଷୀ ରୂପରେ ଅଛି । ତେଣୁ ଚିନ୍ତା କରନାହିଁ । ତୁମେ ଯେତେବେଳେ ଆତୁରତା ଓ ଏକାଗ୍ରତାର ସହିତ ମୋତେ ଚିନ୍ତନ କରିବ, ସ୍ମରଣ କରିବ ମୁଁ ତୁମ ପାଖରେ ଉପସ୍ଥିତ ହୋଇଯିବି । । ଜଗତର ଗୋଟିଏ ନିୟମ ହେଉଛି ଏକାକୀ ଆସିବା ଓ ଏକାକୀ ଯିବା । ତେବେ ବି ସ୍ତ୍ରୀ-ପୁରୁଷ ମଧ୍ୟରେ ଆସକ୍ତି ପ୍ରଚୁର ଥାଏ । ଏହି ସଂସାରରେ ସମସ୍ତ ପ୍ରକାର ସମ୍ବନ୍ଧ ହେଉଛି ମିଥ୍ୟା । ଜଗତ ଅସତ୍ୟ ।

ଜଣେ ଧନିକ ମହାଜନଙ୍କ ପୁଅଟିଏ ଥିଲା । ସେ ପୁଅ ପ୍ରତ୍ୟହ ଜଣେ ମହାତ୍ମାଙ୍କ ପାଖକୁ କଥା ଶୁଣିବାକୁ ଯାଉଥିଲା । ଯୁବକ ଜଣକ କିନ୍ତୁ ମହାତ୍ମାଙ୍କ କଥା ସମାପ୍ତ ହେବା ପୂର୍ବରୁ ଚାଲି ଆସୁଥିଲା । ମହାତ୍ମା ଏହା ପ୍ରତ୍ୟହ ଦେଖୁଥିଲେ । ଦିନେ ସେ ଯୁବକକୁ ପାଖକୁ ଡାକି ଏହାର କାରଣ ପଚାରିଥିଲେ ।

ଯୁବକ କହିଲା, ଭଗବନ୍ ! ମୁଁ ହେଉଛି ମୋ ମାତା-ପିତାଙ୍କର ଏକମାତ୍ର ସନ୍ତାନ । ଘରେ ପହଞ୍ଚିବାରେ ଟିକିଏ ଡେରି ହୋଇଗଲେ ସେମାନେ ମୋତେ ଖୋଜି ପଠାନ୍ତି । ମୋ ପତ୍ନୀ ମୋ ପାଇଁ ବ୍ୟସ୍ତ ହୋଇଯାଏ । ଆପଣ ସଂସାରୀମାନଙ୍କ ସମ୍ବନ୍ଧକୁ ମିଥ୍ୟା ବାରମ୍ବାର କହୁଛନ୍ତି । ଏହାର ଏକମାତ୍ର କାରଣ ଆପଣଙ୍କର ସଂସାର ବିଷୟରେ ଅନୁଭବ ନାହିଁ ।"

ଏପରି କଥାଶୁଣି ମହାତ୍ମା କହିଲେ, "ଆଚ୍ଛା ! ଏପରି କଥା ଯଦି, ଚାଲ ଥରେ ସେମାନଙ୍କର ପ୍ରେମର ପରୀକ୍ଷା କରି ଦେଖିବା । ମୁଁ ଏହି ଯେଉଁ ଚେରମୂଳୀ ଦେଉଛି ତାକୁ ଖାଇଦିଅ । ତୁମର ଦେହ ତାତି ଯିବ । ମୁଁ ତୁମର ବୈଦ୍ୟ ହୋଇ ତୁମ ଘରକୁ ଯିବି । ଏହାପରେ ଘରେ ଯାହା ଯାହା ଘଟିବ ତୁମେ ଦେଖିବ ।"

ଯୁବକ ଜଣକ ମହାତ୍ମାଙ୍କ ଆଦେଶ ପାଳନ କଲା । ଅଳ୍ପ ସମୟ ଭିତରେ ତା'ର ଶରୀର ତାତିଗଲା । ମାତା-ପିତା ବିଚଳିତ ହୋଇ ଡାକ୍ତର କବିରାଜ ଆଦି ଡାକିଲେ । ହେଲେ ସେମାନେ ଯେତେ ଚେଷ୍ଟା କଲେ ବି ଜ୍ୱର ଉପଶମ ହେଲା ନାହିଁ । ଯୁବକର ପତ୍ନୀ ଅତି ବ୍ୟସ୍ତ ବିବ୍ରତ ହେବାରେ ଲାଗିଲା । ମହାତ୍ମା ଏପରି ସମୟରେ ସେହି ଯୁବକ ଘରକୁ ଆସିଲେ । ସମସ୍ତେ ପୁଅକୁ ଜ୍ୱର ହୋଇଥିବା କଥା କହିଲେ ଓ ଚିକିତ୍ସା କରିବା ପାଇଁ ପ୍ରାର୍ଥନା କଲେ । ମହାତ୍ମା ଚିକିତ୍ସା କରି କହିଲେ, "କେହି ଗୁଣି ଫୁଣି କରିଛି ବୋଧେ । ହେଲେ ମୁଁ ପ୍ରତିକାର ଉପାୟ କରିପାରିବି ।" ମହାତ୍ମା ଗିନାଏ ପାଣି ମଗାଇଲେ ଏବଂ ଯୁବକର କପାଳରେ ତାହା ସ୍ପର୍ଶ କରି କହିଲେ, "ମୁଁ ମନ୍ତ୍ରବଳରେ ଗୁଣିମନ୍ତ୍ରକୁ ଏହି ପାଣି ଭିତରକୁ ନେଇ ଆସିଛି । ପୁଅକୁ ଯଦି ବଞ୍ଚାଇବା ପାଇଁ ଇଚ୍ଛା ଥାଏ, ତେବେ ଏହି ପାଣିକୁ ଆପଣଙ୍କ ପରିବାରର କେହି ପିଇବା ଦରକାର । ପରିବାର ଲୋକେ ଏକ ସଙ୍ଗରେ ପଚାରିଲେ, ସେହି ପାଣି ଯିଏ ପିଇବ ତାର କ'ଣ ହେବ ? ମହାତ୍ମା କହିଲେ, ସେ ହୁଏତ ମରିଯାଇ ପାରେ, ହେଲେ ପୁଅ ବଞ୍ଚିଯିବ । ତେଣୁ ଯୁବକର ପ୍ରାଣରକ୍ଷା କରିବା ପାଇଁ କେହି ଜଣେ ଏହାକୁ



ପିଇବା ନିହାତି ଆବଶ୍ୟକ । ଯୁବକର ମାତା କହିଲା, 'ମୋ ପୁଅର ପ୍ରାଣରକ୍ଷା କରିବା ପାଇଁ ମୁଁ ଏହି ପାଣି ପିଇବାକୁ ରାଜି ଅଛି । କିନ୍ତୁ ମୁଁ ପତିବ୍ରତା । ମୋ ମୃତ୍ୟୁ ପରେ ମୋ ବୃଦ୍ଧ ପତିଙ୍କର ସେବା କିଏ କରିବ ?

ଯୁବକର ପିତା କହିଲା, 'ମୁଁ ଏହି ପାଣି ପିଇବା ପାଇଁ ତ ପ୍ରସ୍ତୁତ ଅଛି । ହେଲେ ମୋର ମୃତ୍ୟୁପରେ ମୋ ପତ୍ନୀର ଦଶା କ'ଣ ହେବ ?

ମହାତ୍ମା ବିନୋଦ କଲେ ଓ ପରିହାସ ଛଳରେ କହିଲେ, ତୁମେ ଦୁହେଁ ତାହା ହେଲେ ଅଧେ ଲେଖାଁଏ ପାଣି ପିଇଦିଅ । ଉଭୟଙ୍କର ଶେଷକୃତ୍ୟ ଏକାସାଙ୍ଗରେ ହୋଇଯିବ । ଯୁବକର ପତ୍ନୀଙ୍କୁ ଅନୁରୋଧ କରାଗଲା । ସେ କହିଲା, ମୋ ବୃଦ୍ଧା ଶାଶୂ ସଂସାରର ସକଳ ଭୋଗ କରି ସାରିଛନ୍ତି । ମୁଁ ଏବେ ଯୁବତୀ । ମୁଁ ସଂସାର ସୁଖ କ'ଣ ତାହା ଭଲକରି ଦେଖି ବି ନାହିଁ । ମୁଁ କାହିଁକି ମରିବାକୁ ଯିବି ।

ଏହିଭଳି ଯୁବକର କୁଟୁମ୍ବ ଲୋକମାନେ ସେହି ମନ୍ତ୍ରପୁତ ପାଣି ପିଇବାକୁ ମନା କରି ଦେଇଥିଲେ । ସେମାନେ ପୁଣି ମହାତ୍ମାଙ୍କୁ ଉପଦେଶ ଦେଇ କହିଲେ, ମହାରାଜ । ଆପଣ ଏହାକୁ ପିଇ ଦିଅନ୍ତୁ । ଆପଣଙ୍କ ଅନ୍ତେ କେହି ତ କାନ୍ଦିବାକୁ ନାହାନ୍ତି । ଆପଣ ସବୁବେଳେ କୁହନ୍ତି ଯେ, ପରୋପକାର ହେଉଛି ସବୁଠାରୁ ବଡ଼ ଧର୍ମ । ଆପଣ ଏବେ ପରୋପକାର କରନ୍ତୁ । ଆପଣଙ୍କର ପ୍ରତ୍ୟେକ ବର୍ଷ ଶ୍ରାଦ୍ଧ ଦିବସରେ ଆମେ ବିଧିବଦ୍ଧ ଶ୍ରାଦ୍ଧ ଦେବୁ ଓ ବ୍ରାହ୍ମଣ ଭୋଜନ କରାଉଥିବୁ । ମହାତ୍ମା କାଳବିଳମ୍ବ ନ କରି ସେହି ପାଣି ପିଇଦେଲେ । ପୁଅ ନିଜ ପରିବାରର ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା ଓ ସବୁପ୍ରକାର ଭଲ ପାଉଥିବା କଥା ଉତ୍ତମରୂପେ ଜାଣିଗଲା । ସେ ତତ୍କାଳ ଉଠି ପଡ଼ି ଘରଛାଡ଼ି ମହାତ୍ମାଙ୍କ ସାଙ୍ଗରେ ପଳାଇଗଲା । ସେ କହିଲା, "ମହାରାଜ ! ଆପଣ ଯାହା କହୁଥିଲେ ତାହା ସତ୍ୟ । ମୁଁ ସଂସାରର ଅସାରତା ଜାଣିଗଲି । ଏହି ସଂସାରରେ କେହି କାହାର ନୁହଁନ୍ତି । ପ୍ରତ୍ୟେକ ଅତ୍ୟନ୍ତ ସ୍ୱାର୍ଥପର ।" ଆମର ବାସ୍ତବିକ୍ ଓ ପ୍ରକୃତ ସମ୍ପର୍କୀୟ ହେଉଛନ୍ତି ଈଶ୍ୱର । ଏହି କଥା ଆମେ ଅନୁଭବ କରିବା ନିହାତି ଆବଶ୍ୟକ । ସନ୍ଥ କବିର ଦାସଙ୍କ ଭାଷାରେ-

ମନ ଫୁଲା ଫୁଲା ଫିରେ ଜଗତ ମେ କୈସା ନାତା ରେ ।
ପେଟ ପକଡ଼ କର ମାତା ରୋଓ୍ବେ,
ବାହ ପକଡ଼ କର ଭାଇ ।
ଲପଟ-ଝପଟ କର ତିରିୟା ରୋଓ୍ବେ ହଂସ ଅକଲେ ଜାଇ..ମନ
ଜବ ତକ ଜୀଓ୍ବେ ମାତା ରୋଓ୍ବେ ବହନ ରୋଓ୍ବେ ଦଂସ ମାସ
ତେରହ ଦିନ ତକ ତିରିୟା ରୋଓ୍ବେ ଫେର କିଏ ଘର ବାସା...

ମନ ।ଉଦ୍ଧବଙ୍କୁ ଭଗବାନ କହିଲେ, "ହେ ଉଦ୍ଧବ ! ମୁଁ ସବୁବେଳେ ତୁମ ସହିତ ଅଛି । ମୋତେ ସବୁ ସମୟରେ ସ୍ମରଣ କରୁଥିବା ହେଉଛି ସିଦ୍ଧି । ସିଦ୍ଧି ସ୍ମରଣ ସଂସିଦ୍ଧି ।" ଭଗବାନ ଉଦ୍ଧବଙ୍କୁ ଯେତେ ପ୍ରକାର ବୁଝାଇଲେ ବି ଉଦ୍ଧବ କିଛି ହେଲେ ଶୁଣିବାକୁ ପ୍ରସ୍ତୁତ ନଥିଲେ । ସେ ଛୋଟ ପିଲାଙ୍କ ଭଳି କହିଁ କହିଁ କାନ୍ଦି ତାଙ୍କୁ ପାଖଛଡ଼ା ନ କରିବାକୁ ଭଗବାନ୍‌ଙ୍କୁ ପ୍ରାର୍ଥନା କରିବାରେ ଲାଗିଲେ ।

ଭଗବାନଙ୍କୁ ଜ୍ଞାନୀ ଭଲ ଲାଗେ ନାହିଁ । ଛୋଟ ପିଲାଙ୍କ ଭଳି ସରଳ ହୋଇଥିବ, ସହଜ ସଦାଚାର ପ୍ରକୃତିର ଯିଏ ହୋଇଥିବ ଭଗବାନ ତାକୁ ଅଧିକ ଭଲ ପାଆନ୍ତି । ନିଷ୍କପଟ ଉଦ୍ଧବଙ୍କର ଆନ୍ତରିକ ଉଦବେଗ ଟିକିଏ ବୋଲି ଶାନ୍ତ ହେଉ ନ ଥାଏ । ଉଦ୍ଧବଙ୍କର ଏପରି ଅବସ୍ଥା ଦେଖି ଭଗବାନ ତାଙ୍କୁ ତାଙ୍କର ଚରଣପାଦୁକାଦ୍ୱୟ ପ୍ରଦାନ କଲେ । କୃଷ୍ଣଂ ଯଯୌ ମୂର୍ଦ୍ଧନି ଭର୍ତ୍ତୃପାଦୁକେ । ଉଦ୍ଧବ ଅଶ୍ରୁବିମୋଚନ କରି କରି ଅତି ପ୍ରେମର ସହିତ ଜଣେ ବାଧ ଶିଶୁ ଭଳି ଭଗବାନଙ୍କ ଚରଣପାଦୁକା ଯୁଗଳକୁ ମୁଣ୍ଡ ଉପରେ ରଖି ସେଠାରୁ ପ୍ରସ୍ଥାନ କଲେ । ଏଥର ତାଙ୍କୁ ଜଣାଗଲା ସତେ ଯେପରି ଭଗବାନ ଶ୍ରୀକୃଷ୍ଣ ତାଙ୍କ ସହିତ ଅଛନ୍ତି । ଭଗବାନଙ୍କୁ ପାଇବାର ଯେତେ ସାଧନ ଅଛି ସେ ସମସ୍ତ ମଧ୍ୟରୁ ସର୍ବଶ୍ରେଷ୍ଠ ସାଧନ ହେଉଛି ସମସ୍ତ ପ୍ରାଣୀ ଓ ପଦାର୍ଥରେ ମନ, ବାଣୀ ଓ ଶରୀରର ସମସ୍ତ ବୃତ୍ତି ସହିତ ତାଙ୍କୁ ହିଁ ଭାବନା କରିବା । ଯେ ନିଜର ସମସ୍ତ କର୍ମ ଭଗବାନଙ୍କ ପାଇଁ ହିଁ କରୁଥାଏ, କର୍ମ କରୁଥିବା ସମୟରେ ମୋତେ ଧୀରେ ଧୀରେ ସ୍ମରଣ କରୁଥାଏ, ସେପରି ଲୋକର ବୁଦ୍ଧି କିଛି ଦିନ ପରେ ଭଗବାନଙ୍କ ଠାରେ ସମର୍ପିତ ହୋଇଯାଏ ।

## ପରମାନନ୍ଦ ପ୍ରାନ୍ତର ମାର୍ଗ

ନିଃସ୍ୱାର୍ଥପରତା ଏବଂ ଦିବ୍ୟ ଜୀବନଯାପନ ଆନନ୍ଦ ପ୍ରଦାନ କରେ, ଏହା ହିଁ ସତ୍ୟ । ଦିବ୍ୟ ଜୀବନ ଆସକ୍ତି-ଶୃଙ୍ଖଳରୁ ମୁକ୍ତି ଦିଏ । ସତ୍ୟ, ଧର୍ମ, ନ୍ୟାୟ ଉପରେ ପ୍ରତିଷ୍ଠିତ ଜୀବନ ଅସତ୍ୟ, ଅଧର୍ମ ଓ ଅନ୍ୟାୟ ଜନିତ ସମସ୍ତ ଭୟ ଏବଂ ଦୁଃଖରୁ ମୁକ୍ତ କରେ । ଜୀବନରେ ଆତ୍ମତୃପ୍ତି ହିଁ ଆନନ୍ଦ ପ୍ରଦାୟକ ଅଟେ । ଜୀବନରେ ସଦ୍‌ଗୁଣାଦିର ଅଭ୍ୟାସ ମନରେ ଶାନ୍ତି ଏବଂ ଆନନ୍ଦ ଦିଏ । ଇନ୍ଦ୍ରିୟ ସୁଖ ପ୍ରକୃତ ସୁଖ ନୁହେଁ । ଏହା ତାମସିକତ୍ତ୍ୱର ସୁଖ । ପ୍ରକୃତ ସୁଖ ରହିଛି ନିଜକୁ ଜାଣିବାରେ, ସ୍ୱୟଂକୁ ଚିହ୍ନିବାରେ, ତୁମେ ଏହି ଶରୀର, ମନ, ବୁଦ୍ଧି ନୁହଁ । ତୁମେ ଆତ୍ମା । ଏଣୁ ଶରୀରକୁ ନୁହେଁ, ଶରୀରକୁ ଜାଣିଗଲେ, ଉପଲବ୍ଧି କରିଗଲେ, ଶାଶ୍ୱତ, ନିତ୍ୟ-ଆନନ୍ଦ ପ୍ରାପ୍ତ ହୋଇଯିବ । ଏହାଥରେ ପ୍ରାପ୍ତ ହୋଇଗଲେ, ବିନାଶ ହେବ ନାହିଁ । ତୁମେ ମନ ନୁହଁ । ମନ ତୁମର ଏକ ଯନ୍ତ୍ର । ତୁମେ ଶରୀର ନୁହଁ କି ଇନ୍ଦ୍ରିୟ ନୁହଁ । ଏହା ତୁମର ବାହ୍ୟ ଆବରଣ ଅଟେ । ତୁମେ ଭାବାତୀତ ଐଶ୍ୱରୀୟ ଅଭିବ୍ୟକ୍ତି ଅଟେ । ଦୁଃଖ, ଭୟ ତୁମକୁ ସ୍ପର୍ଶ କରିପାରିବ ନାହିଁ । ତୁମ ଦିବ୍ୟ ଚୈତନ୍ୟ ସ୍ୱରୂପର ଅନୁଭବ କରିବା ପାଇଁ ପ୍ରତ୍ୟୟ କିଛି ସମୟ ପାଇଁ ଶାନ୍ତ ହୋଇ ଅନ୍ତର୍ମୁଖୀ ହୋଇ ଧ୍ୟାନସ୍ଥ ହୁଅ । ଥରଟିଏ ମାତ୍ର ଦିବ୍ୟ ପରମାନନ୍ଦର ଅନୁଭୂତି ହୋଇଗଲେ ସଂସାରର ସବୁକିଛି ତୁମପାଇଁ ତୁଚ୍ଛ ହୋଇଯିବ । ମନ ସେହି ଅନୁଭୂତିକୁ ପାଇବା ପାଇଁ ବାରମ୍ବାର ଧ୍ୟାନସ୍ଥ ହେବାପାଇଁ ବାଧ କରିବ । ଜୀବନର ପ୍ରକୃତି ସୁଖ ଆନନ୍ଦ ତଥା ସକଳ ଦୁଃଖର ଅବସାଦର ପଥ କେବଳ ସେହିଥରେ ହିଁ ପ୍ରାପ୍ତ ହେବ । ଏହି ଦିବ୍ୟ ଅନୁଭୂତିକୁ ଯାହାକୁ ପରମାନନ୍ଦ ପ୍ରାପ୍ତି କୁହାଯାଏ, ତାହା ତୁମ ଶକ୍ତିର ବାହାରେ ନୁହେଁ, ଭଗବାନ ତୁମକୁ ମନୁଷ୍ୟ ଜନ୍ମ ଦେଇ ତୁମ ଅଜାଣତରେ ସବୁ ଶକ୍ତି ତୁମ ମଧ୍ୟରେ ଦେଇଛନ୍ତି । ତୁମେ ସଂସାରର ତୁଚ୍ଛ, ଅଳୀକ ଆକର୍ଷଣର ପଛରେ ନଦୌଡ଼ି, ଜୀବନର ଲକ୍ଷ୍ୟକୁ ସ୍ଥିର କରିବାକୁ ହେବ । ତମର ଲକ୍ଷ୍ୟ ତୁମର ପ୍ରକୃତ ପରିଚୟ, ତୁମ ପ୍ରକୃତ ସ୍ୱରୂପ, ତୁମ ଦିବ୍ୟତାର ଉନ୍ମୋଚନ କରିବା ଅଟେ । ସତ୍ ବିଚାର ମାଧ୍ୟମରେ ତ୍ୟାଗର ପ୍ରଦୀପ ପ୍ରଜ୍ୱଳିତ କରି ଅନ୍ତରର ଗୁହ୍ୟତମ ପ୍ରଦେଶକୁ ଯେତେବେଳେ ଯାତ୍ରା ଆରମ୍ଭ କରିବ, ଦିବ୍ୟତାର ପ୍ରକାଶରେ ଧୀରେ ଧୀରେ ନିଜକୁ ବିକଶିତ କରିବ ଏବଂ ତାହା ହିଁ ତୁମକୁ ପରମାନନ୍ଦ ପ୍ରଦାନ କରିବ, ଏହା ତୁମ ପାଇଁ ଅଲୌକିକ ଅନୁଭୂତି ପ୍ରଦାନକାରୀ ହେବ ଏବଂ ଭବ ଦୁଃଖହାରକ ହେବ । ତୁମ ଅଜ, ଶାଶ୍ୱତ, ନିତ୍ୟ ଓ ଅବିନାଶୀ ଅଟ । ମୃତ୍ୟୁ ତୁମକୁ ସ୍ପର୍ଶ କରିପାରିବ ନାହିଁ । ତୁମେ ଅମୃତର ସନ୍ତାନ, ଆନନ୍ଦ ହିଁ ତୁମର ସ୍ୱରୂପ । ଉଠ, ଜାଗ୍ରତ ହୁଅ । ଆନନ୍ଦ ସମ୍ପଦକୁ ପ୍ରାପ୍ତ ହୋଇ ଦିବ୍ୟ ହୁଅ, ହସିଉଠ, ଉଲ୍ଲସିତ ହୁଅ ।

ଦୁଃଖର ଆବାହକ ହେଲା-ଇନ୍ଦ୍ରିୟଭୋଗ ଜନିତ ସୁଖ ଭୋଗ । ଏହାକୁ ବିନାଶ କରିବାକୁ ହେବ । ଏହା ସହ ମିତ୍ରତା ହିଁ ସକଳ ଦୁଃଖର କାରଣ । ଜୀବନକୁ ଜ୍ଞାନ ବୈରାଗ୍ୟ, ବିଚାର ଦ୍ୱାରା ଉନ୍ନତ କରିବା ପାଇଁ ଚେଷ୍ଟା କର । ସଦ୍‌ବିଚାର ମାଧ୍ୟମରେ ଜୀବନକୁ ଗଢ଼ି, ସତ୍ୟ-ଅସତ୍ୟ, ଶାଶ୍ୱତ-ବିନାଶଶୀଳ, ଚିରନ୍ତନ ପରିବର୍ତ୍ତନ ଶୀଳକୁ ଠିକ୍ ରୂପରେ ଚିହ୍ନି, ଆମକୁ ସର୍ବଦା ତ୍ୟାଗ କରିଲେ ଜୀବନ ସୁଖମୟ ହୋଇଯିବ । ମନୁଷ୍ୟ ଜୀବନ ଆଧ୍ୟାତ୍ମିକ ପ୍ରଗତିପଥରେ ମନ୍ଥର ଗତିରେ ଚାଲିଛି । ଏଣୁ ଆଧ୍ୟାତ୍ମିକ ଜଗତର ଶୀର୍ଷରେ ପହଞ୍ଚିବା ପାଇଁ କେତେ ଯେ ଜୀବନ ଚାଲିଯିବ, କେତେ ଯୁଗ ବିତିଯିବ କିଏ ଜାଣେ । ପ୍ରତିଟି ଜୀବନରେ କିଛି ପାଦ ଆଗକୁ ବଢ଼ିବା ହିଁ ଜୀବନର ପ୍ରଗତିକୁ ବୁଝାଏ । ଏହି ସମୟ ମଧ୍ୟରେ କେତେ ଯେ ଦୁଃଖ, ଯନ୍ତ୍ରଣା, ଝଡ଼ଝଞ୍ଜାର ସମ୍ମୁଖୀନ ହେବାକୁ ପଡ଼େ, ତାହା କଳ୍ପନା କରିହୁଏ ନାହିଁ । ତଥାପି ଜୀବନର ଅନ୍ତ ଅଛି ନା ପ୍ରଗତିର ବିରାମ ଅଛି । ଶରୀରର ଜୀବନକାଳ ମଧ୍ୟରେ କେତେ ଦ୍ୱନ୍ଦ, ରାମ-ବିରାଗ, ମାନ-ଅଭିମାନ ମଧ୍ୟରେ ମନୁଷ୍ୟ ବଢ଼ୁଛି ପରିବର୍ତ୍ତନ ହୋଇଛି ପୁଣି ଶରୀର ତ୍ୟାଗ କରି ଏକ ନୂତନ ଶରୀର ପ୍ରାପ୍ତ ହେଉଛି । ଏହି ଚକ୍ର ଅନବରତ ଚାଲିଛି, ଚାଲୁଥିବ ମଧ୍ୟ, ଯେତେବେଳେ ଯାଏଁ ଜୀବନର ପୂର୍ଣ୍ଣତା ପ୍ରାପ୍ତ ହୋଇନାହିଁ । ଜୀବନର ଲକ୍ଷ୍ୟ ହେଲା ସ୍ୱୟଂକୁ ଚିହ୍ନିବା, ଆତ୍ମ ଉପଲବ୍ଧି କରିବା । ଏଥିପାଇଁ ଅନନ୍ତ ଜୀବନ, କୋଟି କୋଟି ବର୍ଷ ସମୟ କାହିଁକି ଲାଗିବ । ଏହା ଏଇଠି, ବର୍ତ୍ତମାନ ଏହି ଜୀବନରେ ସମ୍ଭବ ।

# ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଲ ପ୍ରତ୍ୟାହୃତ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**କେନ୍ଦ୍ର** ସରକାରଙ୍କ ଦ୍ୱାରା ୧୧ ଡ଼ିସେମ୍ବର ୨୦୧୯ରେ ଉପସ୍ଥାପିତ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଲ 'ପରସନାଲ ଡ଼ାଟା ପ୍ରୋଟେକସନ ବିଲ ୨୦୧୯' ୩ ଅଗଷ୍ଟ ୨୦୨୨ରେ ସୂଚ଼ନା ପ୍ରାଦ୍ୟୋଗିକ ମନ୍ତ୍ରୀଙ୍କ ଦ୍ୱାରା ଲୋକସଭାରେ ପ୍ରତ୍ୟାହାର ଘୋଷଣା କରାଯାଇଥିଲା । ସରକାରୀସ୍ତରରେ ପ୍ରସ୍ତୁତ ଚିଠା ବିଲଟି ପ୍ରାୟ ତିନି ବର୍ଷ ଧରି ପାର୍ଲାମେଣ୍ଟ ତଥା ପାର୍ଲାମେଣ୍ଟ ବାହାରେ ଚର୍ଚ୍ଚିତ ହେବାପରେ ପ୍ରତ୍ୟାହୃତ ହେବା ଏହି କ୍ଷେତ୍ରରେ ସମ୍ବେଦନଶୀଳ ପରିସ୍ଥିତି ସୂଚ଼ିତ କରିଥାଏ । ମନ୍ତ୍ରୀ କହିଥିଲେ ଯେ ଡ଼ିଜିଟାଲ ମଞ୍ଚ ନିୟନ୍ତ୍ରଣ ଲାଗି ପୂର୍ଣ୍ଣାଙ୍ଗ ଆଇନଗତ ଦିଗ ନିର୍ଦ୍ଧାରଣ 'କମ୍ପ୍ରିହେନସିଭ ଲିଗାଲ ଫ୍ରେମୱାର୍କ'ରେ ଆଇନାବଳୀ ସରକାରଙ୍କ ପକ୍ଷରୁ ଅଣାଯିବ । ଏଥିଲାଗି ସର୍ବସାଧାରଣରେ ଆଲୋଚ଼ନା ନିମନ୍ତେ ପ୍ରଶସ୍ତ କ୍ଷେତ୍ର ଉନ୍ମୁକ୍ତ ରହିବ ।

ଅନଲାଇନ ପରିବେଶର ବ୍ୟାପ୍ତି ଓ ବୃଦ୍ଧି ଅବସରରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷାଲାଗି ଆବଶ୍ୟକୀୟ ଆଇନ ପ୍ରଣୟନ ଆବଶ୍ୟକତା ଅନୁଭୂତ ହେବା ସ୍ଥଳେ ନ୍ୟାୟାଧୀଶ ବି.ଏନ. ଶ୍ରୀକ୍ରିଷ୍ଣାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଜୁଲାଇ ୨୦୧୮ରେ ଏକ ଚ଼ିଠା ବିଲ ପ୍ରସ୍ତୁତ କରି ସରକାରଙ୍କଠାରେ ଦାଖଲ କରିଥିଲେ । ସେହି ବର୍ଷ ଅକ୍ଟୋବର ମାସରୁ ସରକାରୀସ୍ତରରେ ବିଲ ପ୍ରସ୍ତୁତ କରାଯାଇ ଡ଼ିସେମ୍ବର ୨୦୧୯ରେ ପାର୍ଲାମେଣ୍ଟରେ ଉପସ୍ଥାପିତ ହୋଇ ଆଲୋଚ଼ନା ପରେ ସମୀକ୍ଷା ନିମନ୍ତେ ବିଜେପି ସାଂସଦ ମୀନାକ୍ଷୀ ଲେଖୀଙ୍କ ଅଧ୍ୟକ୍ଷତାରେ ଏକ ଜଏଣ୍ଟ ପାର୍ଲାମେଣ୍ଟରୀ କମିଟି ଗଠିତ ହୋଇଥିଲା । ବିଲର ସମୀକ୍ଷା ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପନ୍ନ ନ ହେବାରୁ ସେପଟେମ୍ବର ୨୦୨୦ରେ କମିଟିର କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା । କମିଟିର ଅଧ୍ୟକ୍ଷ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦକୁ ଉନ୍ନୀତ ହେବା ଫଳରେ ଜୁଲାଇ ୨୦୨୧ରେ ପି.ପି.ଚୌଧୁରୀ ନୂତନ ଅଧ୍ୟକ୍ଷ ଭାବେ ଅଧିଷ୍ଠିତ ହେଲେ । ଡ଼ିସେମ୍ବର ମାସରେ ପାର୍ଲାମେଣ୍ଟରେ କମିଟିଙ୍କ ରିପୋର୍ଟ ଉପସ୍ଥାପନ ପରେ ବିତର୍କ ଆରମ୍ଭ ହୋଇଥିଲା । ଶେଷରେ ୨୦୨୨ରେ ବିଲଟି ପ୍ରତ୍ୟାହୃତ ଘୋଷଣା କରାଯାଇଥିଲା ।

ବିଲ ପ୍ରତ୍ୟାହାର କାଳରେ ସରକାରଙ୍କ ପକ୍ଷରୁ ସୂଚ଼ିତ କାରଣ ମଧ୍ୟରେ କୁହାଯାଇଥିଲା ଯେ ଆଲୋଚ୍ୟ ବିଲଟିରେ ୯୯ ଗୋଟି ଧାରା 'ସେକସନ' ଥିବା ସ୍ଥଳେ ଜଏଣ୍ଟ ପାର୍ଲାମେଣ୍ଟରୀ କମିଟି ୮୧ ଗୋଟି ସଂଶୋଧନ 'ଏମେଣ୍ଡମେଣ୍ଟ' ନିମନ୍ତେ ସୂଚ଼ିତ କରିଥିଲେ । ଏତଦ୍ ବ୍ୟତୀତ କମିଟି ରିପୋର୍ଟରେ ୧୨ ଗୋଟି ସୁପାରିଶ 'ରେକମେଣ୍ଡେସନ' ମଧ୍ୟ ସନ୍ନିବେଶିତ ହୋଇଥିଲା । ଅନଲାଇନ ପରିବେଶରେ ବ୍ୟକ୍ତିଗତ ତଥ୍ୟର ସୁଦୂରପ୍ରସାରୀ ପ୍ରଭାବ କ୍ରମଶଃ ସର୍ବସାଧାରଣରେ ଅନୁଭୂତ ହେବାରେ ଲାଗିଛି । ଏହି କ୍ରମବିକଶିତ ବୈଷୟିକ କୌଶଳ ସଂପର୍କରେ ଜନସାଧାରଣ ଅବଗତ ନଥିବା ହେତୁ ଅଜାଣତରେ ଅର୍ଥନୀତିକ, ରାଜନୀତିକ ଓ ସାମାଜିକ କ୍ଷେତ୍ରରେ ସ୍ୱାର୍ଥାନ୍ୱେଷୀଙ୍କ ଦ୍ୱାରା ଲୁଣ୍ଠିତ ହୋଇଥାନ୍ତି । ତତ୍ ଜନିତ ଉପଲବ୍ଧି କ୍ରମଶଃ ଜନଜୀବନରେ ଚର୍ଚ୍ଚାର ପରିସରଭୁକ୍ତ ହେବା ପରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷାର ମହତ୍ତ୍ୱ ବଢ଼ି ଚାଲିଛି ।

ଚିଠା ଡ଼ାଟା ପ୍ରୋଟେକସନ ବିଲ ୨୦୧୯ରେ ଜଏଣ୍ଟ ପାର୍ଲାମେଣ୍ଟରୀ କମିଟି ପକ୍ଷରୁ ଯେଉଁ ସବୁ ପରିବର୍ତ୍ତନ ନିମନ୍ତେ ପରାମର୍ଶ ଦିଆଯାଇଥିଲା ସେଥିମଧ୍ୟରେ ଫେସବୁକ, ଟୁଇଟର ଭଳି ସୋସିଆଲ ମିଡ଼ିଆ ମେସେଞ୍ଜର ମଞ୍ଚଗୁଡ଼ିକୁ ସେମାନଙ୍କ ଦ୍ୱାରା ପ୍ରସାରିତ ସମସ୍ତ ପୋଷ୍ଟର ପ୍ରକାଶକ ଭାବେ ବିବେଚ଼ନା କରିବା ନିମନ୍ତେ ପ୍ରସ୍ତାବ ବିବାଦମାନ ବିବେଚ଼ିତ ହୋଇଥିଲା । ପ୍ରଚଳିତ ଆଇନ ଅନୁଯାୟୀ ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକୁ ମଧ୍ୟସ୍ଥି 'ଇଣ୍ଟରମିଡ଼ିଆରି' ଭାବେ ଗ୍ରହଣ କରାଯାଉଛି । 'ଇନଫରମେସନ ଟେକନୋଲଜି ଆକ୍ଟ ୨୦୦୦'ରେ ମଧ୍ୟସ୍ଥିମାନଙ୍କୁ ସରକାରଙ୍କ ଅନୁରୋଧ ଓ ନ୍ୟାୟିକ ବ୍ୟବସ୍ଥା ଆଦେଶ ମୁତାବକ ନିର୍ଦ୍ଦିଷ୍ଟ ସମୟ ଅବଧିରେ ଆପତ୍ତିଜନକ ପୋଷ୍ଟ ହଟାଇଦେବା 'ଡ଼ିଲିଟ' କରିବା ପ୍ରାବଧାନ ରହିଥିବା ସ୍ଥଳେ ସେଥିରେ ଖିଲାପ କଲେ 'ମଧ୍ୟସ୍ଥି' ବଦଳରେ 'ପ୍ରକାଶକ'ର ଦାୟିତ୍ୱ ନିର୍ବାହ କରିବା ନିମନ୍ତେ ସୂଚ଼ିତ ହୋଇଛି । ପ୍ରଚଳିତ ଆଇନ ଯୁକ୍ତିଯୁକ୍ତ ଥିବା ସ୍ଥଳେ ଜଏଣ୍ଟ ପାର୍ଲାମେଣ୍ଟରୀ କମିଟି ପକ୍ଷରୁ ପ୍ରଦତ୍ତ ପରାମର୍ଶ ଅସଂଗତ ବୋଧ ହୋଇଥିଲା ।

ଅନଲାଇନ ପରିବେଶ ନିୟନ୍ତ୍ରଣ ନିମନ୍ତେ ଜଏଣ୍ଟ ପାର୍ଲାମେଣ୍ଟରୀ କମିଟି ପକ୍ଷରୁ ସୁପାରିଶ କରାଯାଇଥିବା ସ୍ୱତନ୍ତ୍ର ପ୍ରାଧୀକରଣ 'ଡ଼ାଟା ପ୍ରୋଟେକସନ ଅଥାରିଟି' ଗଠନ ପ୍ରସ୍ତାବକୁ ବହୁ କ୍ଷେତ୍ରରେ ସ୍ୱାଗତ କରାଯାଇଥିଲା । କାରଣ ଇନଫରମେସନ ଟେକନୋଲଜି କଳାକୌଶଳ କ୍ରମବିକଶିତ ପର୍ଯ୍ୟାୟରେ ରହିଥିବା ଏବଂ ଏହାର ସୁକ୍ଷ୍ମାତିସୁକ୍ଷ୍ମ ଦିଗ ସାଧାରଣ ନାଗରିକ ଆୟତ୍ତ କରିବା ସଂଭବ ନଥିବା ସ୍ଥଳେ ସରକାରୀସ୍ତରରେ ସାଧାରଣ ପ୍ରଶାସନ ଦ୍ୱାରା ଏହାର ବିଧିବଦ୍ଧ ନିୟନ୍ତ୍ରଣ ଅସଂଭବ । ଅଭିଜ୍ଞତାରୁ ଜଣାଯାଏ ଯେ ପୋଲିସ ଓ ପ୍ରଶାସକମାନେ ଅନେକ କ୍ଷେତ୍ରରେ ଅନଲାଇନ ଆଇନର କଦର୍ଥ କରିଥାନ୍ତି ଏବଂ ଅନଲାଇନ ଅପବ୍ୟବହାରକୁ ରୋକିବାରେ ଅସମର୍ଥ ହୋଇଥାନ୍ତି । ଏହି ପରିବେଶରେ ଏକ ସ୍ୱତନ୍ତ୍ର ପ୍ରାଧୀକରଣ ଗଠନ ଦ୍ୱାରା ବିଶେଷଜ୍ଞଙ୍କ ସହାୟତାରେ କେବଳ ଅନଲାଇନ ସମସ୍ୟାବଳୀ ନିୟନ୍ତ୍ରଣ ସକ୍ରିୟ ଓ ସଫଳ ହେବା ଆଶା କରାଯାଇଥାଏ ।

ଜଏଣ୍ଟ ପାର୍ଲାମେଣ୍ଟରୀ କମିଟିର ରିପୋର୍ଟରେ ପ୍ରସ୍ତାବିତ ଆଇନ ପରିଧିରେ ସରକାରୀ କଳକୁ ସଂପୂର୍ଣ୍ଣ ବାଦ ଦିଆଯାଇଥିଲା । ଅର୍ଥାତ, ସରକାର ତଥା ପ୍ରଶାସନିକସ୍ତରରେ ଦେଶର ସମସ୍ତ ନାଗରିକଙ୍କ ତଥ୍ୟ ସଂଗ୍ରହ, ଗଚ୍ଛିତ ଓ ବ୍ୟବହାର କରିପାରିବେ । ଏଥିଲାଗି କୌଣସି ଆଇନଗତ ପ୍ରତିବନ୍ଧକ ରହିବ ନାହିଁ । ଏହିଭଳି ପାତରଅନ୍ତର ନୀତି ବିରୋଧରେ ବହୁ କ୍ଷେତ୍ରରେ ସମାଲୋଚ଼ନା ସୂତ୍ରପାତ ହୋଇଥିଲା । ଏପରିକି କମିଟିରେ ଅନ୍ତର୍ଭୁକ୍ତ ଲୋକସଭାର ୨୦ଜଣ ଓ ରାଜ୍ୟସଭାର ୧୦ ଜଣ ସଦସ୍ୟଙ୍କ ମଧ୍ୟରୁ ବହୁ ପ୍ରସ୍ତାବକୁ ମୁଖ୍ୟତଃ ବିରୋଧୀ ଦଳର ସାଂସଦ ମନୀଷ ତିୱାରୀ, ମହୁଆ ମୈତ୍ର, ଗୌରବ ଗୋପାଲ, ରିତେଶ ପାଣ୍ଡେ, ବିବେକ ତନଖା, ଜୟରାମ ରମେଶ, ଡେରିକ ଓ'ବ୍ରେନ ଏବଂ ଓଡ଼ିଶାର ରାଜ୍ୟସଭା ସଦସ୍ୟ ଡକ୍ଟର ଅମର ପଟ୍ଟନାୟକ ପ୍ରମୁଖ ଅସମ୍ମତି ପ୍ରକାଶ କରି ଟିପ୍ପଣୀ 'ନୋଟ' ଲେଖିଥିଲେ ।

ଏହି ଘଟଣାକ୍ରମ ବିଚାରକୁ ନେଲେ କେନ୍ଦ୍ର ସରକାରଙ୍କ ଦ୍ୱାରା 'ପରସନାଲ ଡ଼ାଟା ପ୍ରୋଟେକସନ ବିଲ ୨୦୧୯' ପ୍ରତ୍ୟାହାର ଯୁକ୍ତିଯୁକ୍ତ ମନେହୁଏ । ଏହି ଅବସରରେ ସରକାରଙ୍କ ଦ୍ୱାରା ନୂଆ ଆଇନ ବା ଆଇନାବଳୀ ପ୍ରସ୍ତୁତ କରାଯାଇ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯିବ ତଥା ଏଥି ପୂର୍ବରୁ ସର୍ବସାଧାରଣରେ ବିଚାରବିମର୍ଷ ନିମନ୍ତେ ସୁଯୋଗ ସୃଷ୍ଟି ନିମନ୍ତେ କେନ୍ଦ୍ର ମନ୍ତ୍ରୀଙ୍କ ଆଶ୍ୱସନା ସ୍ୱାଗତଯୋଗ୍ୟ । ଗଣମାଧ୍ୟମ ସମୀକ୍ଷକମାନଙ୍କ ମତରେ ଅନଲାଇନ ପରିବେଶରେ ଅପବ୍ୟବହାରକୁ ଦଣ୍ଡିତ କରାଯିବା ନିମନ୍ତେ ଆଇନ ପ୍ରଣୟନ ଯେତିକି ଉପାଦେୟ ଉପଭୋକ୍ତାଭାବେ ଦେଶର ନାଗରିକଙ୍କୁ ଅନଲାଇନ କାରବାର ସଂପର୍କରେ ସାକ୍ଷର, ଅର୍ଥାତ ପ୍ରଶିକ୍ଷିତ କରାଇବା ତାହାଠାରୁ ଅଧିକ ଜରୁରୀ । କିନ୍ତୁ ଏ ଦିଗରେ ଆଲୋଚ଼ନା ଅଭାବ ଅନୁଭୂତ ହୋଇଥାଏ । ଅପବ୍ୟବହାର ରୋକିବା ନିମନ୍ତେ ଜନଶିକ୍ଷା ଯେ ସର୍ବାପେକ୍ଷା ପ୍ରଭାବଶାଳୀ ଏହା ହୃଦୟଙ୍ଗମ କରିବାର ବେଳ ଆସି ପହଞ୍ଚିଛି ।

## ଆଜିର ଚିନ୍ତନ

**ମୂର୍ତ୍ତି** ପାଖରେ ବସିଥିବା ବେଳେ ଭାବି ନିଅ ମୁଁ ଭଗବାନଙ୍କ ସମ୍ମୁଖରେ ଯେ ବସିଛି । ତାଙ୍କୁ ନିଜର ଭାବ ନିବେଦନ କର । ଏକାନ୍ତରେ ବସି ଭଗବାନଙ୍କ ସ୍ତୁତି କର । ସ୍ତୁତିତ ପ୍ରଶଂସା ପରକ । ଭାବିନିଅ, ଭଗବାନ ଶୁଣି ପ୍ରସନ୍ନ ହେଉଛନ୍ତି । ଭଗବାନ କିଛିତ କହିବେ ନାହିଁ । ତଥାପି ଭାବରେ ପ୍ରସନ୍ନ ମୁଦ୍ରାରେ ରହିଛନ୍ତି । ନିଜ ହୃଦୟର ଭାବ ଭଗବାନଙ୍କ ନିକଟରେ ପ୍ରକଟ କର । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ବିଷ୍ଣୁ, ସହସ୍ରନାମ ଉପରେ ଲେଖୁଥିବା ଭାଷ୍ୟରେ ସମାପ୍ତିରେ ଲେଖୁଛନ୍ତି, ''ଆଦରେଣ ଯଥାସ୍ତୌତି ଧନବନ୍ତଂ ଧନେଚ୍ଛୟା ତଥା ଚେଦ୍ ବିଶ୍ୱକର୍ତ୍ତାରଂ କୋ ନ ମୁଚ୍ୟେତ ବନ୍ଧନାତ୍ ।'' ଏହାର ଅର୍ଥ ହେଉଛି, ଟଙ୍କା ପଇସାର ଲାଭ ହେବା ପରେ ମନୁଷ୍ୟ ଯେଉଁ ପ୍ରକାରେ ଶ୍ରୀମାନଙ୍କୁ ପ୍ରଶଂସାକରେ, ଶ୍ରୀମାନଙ୍କୁ ଯେଉଁ ପ୍ରକାରେ ତୋଷାମଦ କରେ । ସେହି ପ୍ରକାରେ ଏକାନ୍ତରେ ବସି ପ୍ରଭୁଙ୍କୁ ସ୍ତୁତି କର, ପ୍ରଭୁଙ୍କ ଗୁଣ ଗାନ କର । ମୀରାବାଈ ଚରିତ୍ରରେ କୁହାଯାଇଛି, ମୀରା ଭଗବାନ ମୁରଲୀ ମନୋହରଙ୍କ ସହିତ କଥା ବାର୍ତ୍ତା କରୁଥିଲେ । ଗୋପାଳଜୀଙ୍କ ସହିତ ଏକାନ୍ତ ଆଳାପ କରୁଥିଲେ । ମୀରାବାଈଙ୍କ ଦାସୀଟିଏ ଥିଲା- ବୀଣା । ମୀରାବାଈ ଗୋପାଳଜୀ ସହିତ କଥା ବାର୍ତ୍ତା ହେଉଥିବା ଦେଖି ଏକଦା ବୀଣା ପଚାରିଲା, ମୀରା । ତମେ କାହା ସହିତ କଥାବାର୍ତ୍ତା କରୁଛ ? ମୀରା କହିଲେ, ମୁଁ ମୋର ଗୋପାଳଜୀ ସହିତ କଥା ହେଉଛି । ଦାସୀ କହିଲା, ମୀରା ସତ୍ୟ କହ । ଗୋପାଳ ତୁମକୁ କେବେ କିଛି କହୁଛନ୍ତି କି ? ମୀରା ହାତଯୋଡ଼ି କହିଲେ, ସେ କେବେ ମୋ ସହିତ କଥା ହୁଅନ୍ତି ନାହିଁ । ବୀଣା କହିଲା, ତେବେ ତମେ ତାଙ୍କୁ କାହିଁକି କହି ଚାଲୁଛ ? ମୀରା ସୁନ୍ଦର ଉତ୍ତର ଦେଇଥିଲେ, ଏବେ ମୁଁ ଯୋଗ୍ୟ ହୋଇ ନ ଥିବାରୁ ସେ ମୋ ସହିତ କଥା ହେଉ ନାହାନ୍ତି । କିନ୍ତୁ ବର୍ଷକ ପରେ କଥା ହେବେ । ମୋର ଶ୍ରଦ୍ଧା, ବିଶ୍ୱାସ ରହିଛି ବର୍ଷକ ପରେ, ଦିବର୍ଷ ପରେ, ଦଶ ବର୍ଷ ପରେ ନିଶ୍ଚୟ ମୋ ସହିତ କଥା ହେବେ । ପ୍ରଭୁଙ୍କୁ ମନାଇବାକୁ ଚେଷ୍ଟା କର । ସେ ଦିନେ ନା ଦିନେ ମାନିବେ । ଆପଣେଇ ନେବେ । ମୁଁ ସେବକ, ତାଙ୍କୁ ସେବା, ସ୍ମରଣ, ଆରାଧନାରେ ତୃପ୍ତ କରିବ । ଦିନେ ନା ଦିନେ ସେ ମୋତେ ଆଦରି ନେବେ । ଭକ୍ତିର ପ୍ରାରମ୍ଭ ସେତେବେଳେ ହୁଏ ଯେତେବେଳେ ଜୀବକୁ ନିଜ ସ୍ୱରୂପରେ ଜ୍ଞାନ ହୁଏ । ମୁଁ ସ୍ତ୍ରୀର, ମୁଁ ପତିର ଇତ୍ୟାଦି ଭାବ ଥିବା ଯାଏ ବୁଝିବାକୁ ହେବ । ଭକ୍ତର ଉଦ୍ରେକ ହୋଇ ନାହିଁ । ମୁଁ ଭଗବାନଙ୍କର ଅଟେ । କେବଳ ଭଗବାନଙ୍କର । ସେମାନେ ମଧ୍ୟ ଜୀବ, ଈଶ୍ୱର ଅଂଶ । ତେଣୁ ଭଗବାନଙ୍କର ଏ ଦୃଷ୍ଟିରୁ ସମ୍ବନ୍ଧ ସୂତ୍ରରେ ମୁଁ ସେମାନଙ୍କର, ସେମାନେ ମୋର – ଆମେ ସମସ୍ତେ ଜଣକର - ଭଗବାନଙ୍କର । ''ତସୈବାହଂ ମମୈବାସୌ'' । ଭଗବାନଙ୍କ ଇଚ୍ଛାରେ ବ୍ରହ୍ମା ପ୍ରହ୍ଲାଦଙ୍କୁ ଗାଦିରେ ବସାଇଲେ । ପ୍ରହ୍ଲାଦ ରାଜା ହୋଇଗଲେ । ନୃସିଂହ ଭଗବାନ ପ୍ରସନ୍ନ ଥାନ୍ତି । ପ୍ରହ୍ଲାଦ କହିଲେ, ଆଜି ମୋତେ ମାଗିବାକୁ ଇଚ୍ଛା ହେଉଛି । ଭଗବାନ କହିଲେ ମାଗ । ପ୍ରହ୍ଲାଦ କହିଲେ, ମୋ ପିତା ଆପଣଙ୍କୁ ନିନ୍ଦା କରୁଥିଲେ, ସାଧୁ- ବ୍ରାହ୍ମଣଙ୍କୁ ହ୍ରାସ ଦେଉଥିଲେ ମୋର ପିତାଙ୍କ ଉଦ୍ଧାର ହେଉ ।

# ସୁନିଦ୍ରା ପାଇଁ ସାଲାଡ଼

**ଆପଣ** ପ୍ରତିଦିନ ନିଦ୍ରାଜନିତ ସମସ୍ୟା ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏହାର ସମାଧାନ କରିବାର ସହଜ ଉପାୟ ହାତ ପାଆନ୍ତାରେ ରହିଛି । ବାସ୍, ରାତ୍ରିଭୋଜନରେ ସାଲାଡ ସାମିଲ କରନ୍ତୁ ।

ସଦ୍ୟତମ ଗବେଷଣାରୁ ଏଭଳି ରୋଚକ ତଥ୍ୟ ଜଣାପଡିଛି । ସିଡନୀ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ସାଲାଡର ଉପକାରୀ ଗୁଣ ଉପରେ ଗବେଷଣା କରି ଏଭଳି କଥା ଜାଣିବାକୁ ପାଇଛନ୍ତି ।

ସାଲାଡରେ ଲେକ୍ଟୋରିୟମ' ନାମକ ତତ୍ତ୍ୱ ରହିଛି, ଯାହା ଶରୀରକୁ ଆହୁରି ଫୁର୍ତ୍ତି ରଖିବାରେ ସହାୟତା କରିଥାଏ । ଏହାଦ୍ୱାରା ମନ ହାଲୁକା ହେବା ସହ ଭଲ ନିଦ ହୋଇଥାଏ । ଏପରି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ସେମାନଙ୍କର ରାତ୍ରିଭୋଜନରେ ସାଲାଡ ସାମିଲ କରିବାକୁ ପରାମର୍ଶ ଦେଇଥିଲେ ।

ଏହାସହ ରାତ୍ରିଭୋଜନରେ ସେମାନେ ହାଲୁକା ଖାଦ୍ୟ ମଧ୍ୟ ଖାଇଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ନିଦ୍ରାଜନିତ ସମସ୍ୟା କେତେକାଂଶରେ ଦୂର ହୋଇଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



## ପୋଦିନାର ଉପକାରିତା

ପୋଦିନାପତ୍ରର ଚଟଣି ଆପଣ ନିଶ୍ଚୟ ଖାଇଥିବେ । ବେଶ୍ ସ୍ୱାଦୁକର ଏହି ଚଟଣି । କେବଳ ଚଟଣି ନୁହେଁ, ଜଳଜିରା ପ୍ରସ୍ତୁତିରେ ଏହା ବ୍ୟବହାର ହୋଇଥାଏ । ପେଟର ବିଭିନ୍ନ ସମସ୍ୟାକୁ ଠିକ୍ କରୁଥିବା ଏହି ଉପକାରୀ ଉଦ୍ଭିଦର ଅନେକ ଔଷଧୀୟ ଗୁଣ ରହିଛି । ଗ୍ରୀଷ୍ମ ଦିନମାନଙ୍କରେ ପୋଦିନାର ଚଟଣି ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଏହା ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହୋଇଥାଏ । ପୋଦିନା ମଧ ଆଣ୍ଟିବାୟୋଟିକ୍ ଔଷଧର କାର୍ଯ୍ୟ ତୁଲାଇଥାଏ ।



ପୋଦିନାରେ ଉପଲବ୍ଧ ଫାଇବର ଶରୀରରୁ କୋଲେଷ୍ଟେରଲର ସ୍ତରକୁ ହ୍ରାସ କରିବାରେ ସହାୟକ ହୋଇଥାଏ ଏବଂ ଏଥିରେ ଥିବା ମ୍ୟାଗ୍ନେସିୟମ ହାଡ଼କୁ ଶକ୍ତି ପ୍ରଦାନ କରିବା ସହ ମଜବୁତ କରିଥାଏ । କୌଣସି ଲୋକର ଯଦି ମୁଣ୍ଡ ବୁଲାଇ ଦେଉଥାଏ ବା ତାକୁ ବାନ୍ତି ବାନ୍ତି ଲାଗୁଥାଏ ତେବେ ପ୍ରତି ଦୁଇଘଣ୍ଟାରେ ଦୁଇଚାମଚ ଲେଖା ପୋଦିନା ରସ ତାକୁ ପିଇବାକୁ ଦିଅନ୍ତୁ । ଏହାଦ୍ୱାରା ରୋଗୀକୁ ଆରାମ ମିଳିଥାଏ । ପେଟର ଆଉକିଛି ସମସ୍ୟା ମଧ ରହିଛି ପୋଦିନାପତ୍ର ରସରେ ତାଜା ଲେମ୍ବୁରସ ମିଶାଇ ସେଥିରେ ସମାନମାତ୍ରାରେ ମହୁ ମିଶାଇ ସେବନ କରିବା ଦ୍ୱାରା ରୋଗ ଦୂର ହୁଏ ।

ଅଣ୍ଡା ରୋଗରେ ନିୟମିତ ପୀଡ଼ିତ ହେଉଥିଲେ ପୋଦିନା ରସରେ ଗୋଲମରିଚ ଏବଂ ବିଟଲୁଣ ପକାଇ ତାକୁ ଚା' ଭଳି ଫୁଟାଇ ପିଇବା ଦ୍ୱାରା ଏହି ରୋଗରୁ ଆରୋଗ୍ୟ ମିଳିଥାଏ । କାହାକୁ ବାରମ୍ବାର ହାକୁଟି ଆସୁଥିଲେ ଏହାର ପତ୍ରକୁ ଚୋବାଇବା ଦ୍ୱାରା ରକ୍ଷା ମିଳିଥାଏ ।

ଯେଉଁ ମହିଳାଙ୍କ ମାସିକଧର୍ମରେ ଅନିୟମିତତା ଦେଖା ଦେଉଥାଏ ପୋଦିନା ଶୁଖିଲା ପତ୍ରକୁ ଗୁଣ୍ଡ କରି ଏହି ଗୁଣ୍ଡକୁ ଦିନକୁ ଦୁଇଥର ମହୁ ସହ ମିଶାଇ ଖାଆନ୍ତୁ । କୌଣସି ସ୍ଥାନ ମାଡ଼ ହେଇ କ୍ଷତ ସୃଷ୍ଟି ହୋଇଥିଲେ ସେହି ସ୍ଥାନରେ ତାଜା ପୋଦିନା ପତ୍ରକୁ ଦଳି ତା'ର ରସ ଲଗାଇଦେଲେ ତାହା ତୁରନ୍ତ ଶୁଖିଯାଏ । ସେହିପରି ଶରୀର କୁଣ୍ଡେଇ ହେଇ ଫୁଲି ଯାଉଥିଲେ କିମ୍ବା ଅନ୍ୟାନ୍ୟ ଚର୍ମରୋଗ ଥିଲେ ତାଜା ପୋଦିନା ପତ୍ରକୁ ନେଇ ତାକୁ ଭଲ ଭାବେ ଛେଚି ଦିଅନ୍ତୁ, ଏହାକୁ ପ୍ରଭାବିତ ସ୍ଥାନରେ ଲଗାନ୍ତୁ ।

ପାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପୋଦିନା ପତ୍ରର ଉପଚାର କରନ୍ତୁ । ପ୍ରଥମେ ପୋଦିନା ପତ୍ର ସଂଗ୍ରହ କରି ତାକୁ ଛାଇରେ ଭଲ ଭାବେ ଶୁଖାଇ ଦିଅନ୍ତୁ । ଏହାପରେ ଶୁଖିଲାପତ୍ରକୁ ଭଲ ଭାବେ ଗୁଣ୍ଡ କରି ଦିଅନ୍ତୁ । ଏହାକୁ ଆପଣ ଦନ୍ତମଞ୍ଜନ ଭାବେ ବ୍ୟବହାର କରନ୍ତୁ । ଏହା ମାଢ଼ିକୁ ସୁସ୍ଥ ରଖିବା ସହ ପାଟିରୁ ଦୁର୍ଗନ୍ଧ ଦୂର କରିଥାଏ । ଏହି ଅଭ୍ୟାସ ଅତି କମରେ ଦୁଇ ସପ୍ତାହ ଏବଂ ଅତିବେଶୀରେ ଗୋଟିଏ ମାସ ପର୍ଯ୍ୟନ୍ତ କରାଯିବା ଦରକାର ।

ଲୁଣପାଣିରେ ପୋଦିନା ରସକୁ ମିଶାଇ ସେଥିରେ କୁଳି କରିବା ଦ୍ୱାରା ସ୍ୱରରେ ସ୍ୱଚ୍ଛତା ଆସେ । ଗଳା ବସିଥିଲେ ତାହା ସାଧାରଣ ଅବସ୍ଥାକୁ ଫେରିଆସେ । ଖରାଦିନେ ମୁଣ୍ଡ ବୁଲାଇ ଦେଉଥିଲେ ବା ଚିଡ଼ିଚିଡ଼ା ଲାଗୁଥିଲେ ଗୋଟେ ଚାମଚ ଶୁଖିଲା ପୋଦିନା ପତ୍ରର ଗୁଣ୍ଡରେ ଛୋଟ ଚାମଚର ଅଧା ଅଳେଇଚ ଗୁଣ୍ଡ ମିଶାଇ ସେଥିରେ ଗୋଟିଏ ଗ୍ଲାସ ପାଣି ମିଶାଇ ଫୁଟାନ୍ତୁ । ଏହାକୁ ଥଣ୍ଡା କରି ପିଅନ୍ତୁ । ତୁରନ୍ତ ଆରାମ ମିଳିଥାଏ ।

## ସ୍ୱାସ୍ଥ୍ୟପ୍ରଦ ଅଶ୍ୱଗନ୍ଧା

ହଜାର ହଜାର ବର୍ଷ ପୂର୍ବରୁ ଅଶ୍ୱଗନ୍ଧା ଏକ ହର୍ବାଲ୍ ଉପଚାର ରୂପେ ଉପଯୋଗ ହୋଇ ଆସୁଛି । ଏହା କେବଳ ଭାରତରେ ନୁହେଁ ବରଂ ଆମେରିକା ଓ ଆଫ୍ରିକାରେ ମଧ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ପାଇବା ନିମନ୍ତେ ବ୍ୟବହାର କରାଯାଉଛି । ଭାରତୀୟମାନେ ଅଶ୍ୱଗନ୍ଧାକୁ ବିଶେଷ ଭାବେ ଆୟୁର୍ବେଦ ଚିକିତ୍ସାରେ ବ୍ୟବହାର କରିଥାନ୍ତି ।



ଅଶ୍ୱଗନ୍ଧାରେ ଫ୍ଲେଭୋନଏଡ୍ ଓ ଆଣ୍ଟିଅକ୍ସିଡାଣ୍ଟ ଭଳି ତତ୍ତ୍ୱ ରହିଛି । ଅନୁସନ୍ଧାନରୁ ଜଣାପଡିଛି ଏହା ମସ୍ତିଷ୍କରେ ନ୍ୟୁରୋଲୋଜିକାଲ ଟ୍ରାନ୍ସମିଶନରେ ସୁଧାର ଆଣିବାରେ ସହାୟକ ହୋଇଥାଏ । ଏହାଛଡ଼ା ସ୍ମରଣଶକ୍ତି ପ୍ରଖର କରିବାରେ ମଧ ଏହା ବେଶ୍ ଲାଭକାରୀ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏଲଡିଏଲ୍ ଅକ୍ସିକରଣରେ ହ୍ରାସ ଆଣିଥାଏ, ଯଦ୍ଦ୍ୱାରା ହୃଦରୋଗର ଆଶଙ୍କା ଦୂରହୁଏ । ଏହା ମଧୁମେହ ରୋଗୀଙ୍କ ଠାରେ ମୋତିଆବିନ୍ଦୁ ଭଳି ସମସ୍ୟାରୁ ଦୂରେଇ ରଖେ । ଅଶ୍ୱଗନ୍ଧାରେ ମହଜୁଦ୍ ଆଣ୍ଟିଅକ୍ସିଡାଣ୍ଟ କ୍ୟାନସରକୁ ରୋକିବାରେ ମଧ ସହାୟକ ହୋଇଥାଏ, କିନ୍ତୁ ବିନା ଡାକ୍ତରୀ ପରାମର୍ଶରେ ଏହାର ଉପଯୋଗ ବିପଦପୂର୍ଣ୍ଣ । ସବୁଠୁ ବଡ଼ କଥା ଆଲଜେମର୍ ରୋଗର ଉପଚାରରେ ମଧ ଏହା ସହାୟକ । କେବଳ ସେତିକି ନୁହେଁ, ଗର୍ଭବତୀ ମହିଳାଙ୍କୁ ଏହାର ସେବନ ପାଇଁ ବିଶେଷ ଭାବେ ପରାମର୍ଶ ଦିଆଯାଇଛି । ଏହା ମା'ର ରକ୍ତକୁ ଶୁଦ୍ଧ କରିବା ଓ ତା'ର ପ୍ରତିରକ୍ଷା ପ୍ରଣାଳୀକୁ ମଜଭୁତ୍ କରିବାରେ ସାହାଯ୍ୟ କରେ ।

ଏହାଛଡ଼ା ଅଶ୍ୱଗନ୍ଧା ମନକୁ ଶାନ୍ତ ରଖିବା ଓ ଆରାମଦାୟକ ନିଦ ପାଇଁ ସାହାଯ୍ୟ କରେ । ଆୟୁର୍ବେଦିକ ଚିକିତ୍ସାରେ ଏହା ଏକ ଟନିକ୍ ଭଳି ଅବସାଦକୁ ରୋକିବା ଓ ସହନଶକ୍ତିକୁ ବୃଦ୍ଧି କରିଥାଏ । ଏହା ବୟସ ବଢ଼ିବା ପ୍ରକ୍ରିୟାକୁ ମଧ ଧୀମା କରିଥାଏ ।

## ଟିକିଏ ହସନ୍ତୁ

ବାପା ପୁଅକୁ : ତୁ ଯଦି ତୋ ବୋଉ ପର୍ସରୁ ଶହେ ଟଙ୍କା ଆଣି ପାରିବୁ ତା'ହେଲେ ତତେ ମୁଁ ୧୦ ଟଙ୍କା ଦେବି ।

ପୁଅ : ନା, ଏତେ ଶସ୍ତାରେ ଡିଲ୍ ହୋଇ ପାରିବନି । କାରଣ ତୁମ ପର୍ସରୁ ଏଇ କାମ କରିବା ପାଇଁ ମା' ପରା ମତେ ୨୦ ଟଙ୍କା ଦିଏ ।

× × × ×

ରମେଶ ପପୁକୁ : ଜାଣିଛୁ ଗଛ ତଳେ ବସିଲେ ଶୀତଳ ଛାୟା ମିଳିଥାଏ ।

ପପୁ ତିନିଦିନ ଧରି ଏକ ଗଛ ତଳେ ବସି ରହିଲା ।

ଏହା ଦେଖି ରମେଶ : ଗଛ ତଳେ ଏମିତି କାହିଁକି ବସି ରହିଛୁ ?

ପପୁ : ତୁ ମତେ ଠକି ଦେଲୁ ।

ରମେଶ : ମୁଁ କ'ଣ ଠକିଲି ।

ପପୁ : ତୁ କହିଲୁ ଗଛ ତଳେ ବସିଲେ ଶୀତଳ ଛାୟା ମିଳିବ । ହେଲେ ଏତେ ଅପେକ୍ଷା କରିବା ସତ୍ତ୍ୱେ ନା 'ଶୀତଳ' ଆସିଲା ନା 'ଛାୟା' ।

× × ×



ସ୍ତ୍ରୀ : ମୁଁ ସବୁଦିନ ପୂଜା କରୁଛି । କୋଉଦିନ କେଜାଣି ଭଗବାନ ଶ୍ରୀକୃଷ୍ଣଙ୍କର ଦର୍ଶନ ମିଳିବ ।

ସ୍ୱାମୀ : ଅରେ ମୀରାବାଈ ହୋଇ ବିଷପାନ କର । ଦେଖିବ କୃଷ୍ଣ କ'ଣ ସବୁ ଭଗବାନଙ୍କର ଦର୍ଶନ ମିଳିଯିବ ।

× × × ×

ବଣ୍ଟି ସାଧନାକୁ : ଆଇ ଲଭ୍ ୟୁ ।

ସାଧନା : ଯଦି ମୁଁ ତୁମକୁ, ସେହି କଥା କହେ ତମେ କ'ଣ କରିବ ?

ବଣ୍ଟି : ଖୁସିରେ ପାଗଳ ହୋଇ ମରିଯିବି ।

ସାଧନା : ସେଇଥି ପାଇଁ ତ ମୁଁ କହୁନି । ଯାଅ ଖୁସିରେ ବଞ୍ଚ ।

× × × ×

ରାଜେଶ ସ୍ତ୍ରୀଙ୍କ ହାତ ଧରି ବଜାର ସାରା ବୁଲୁଥାଆନ୍ତି ।

ଏହା ଦେଖି ମନୋଜ : ବାହାଘରର ଏତେ ବର୍ଷ ହେଇଗଲାଣି । ତଥାପି ତୋର ସ୍ତ୍ରୀ ପାଇଁ ଏତେ ଭଲ ପାଇବା ଦେଖି ବହୁତ ଖୁସି ଲାଗିଲା ।

ରାଜେଶ : ଆରେ ସେମିତି କିଛି ନୁହଁ ।

ମନୋଜ : କିଛି ନୁହଁ ତ ବଜାର ସାରା ହାତ ଧରି କାହିଁକି ବୁଲୁଛୁ ?

ରାଜେଶ : ଆରେ ହାତ ଛାଡି ଦେଲେ ପରା ସେ ଏ ଦୋକାନ ସେ ଦୋକାନ ପଶି କିଣି ପକଉଛି ।

ସେଥିପାଇଁ ପରା ଜାବୁଡ଼ିକି ଧରୁଛି ।

## ସଂକ୍ରମଣରୁ ରକ୍ଷା କରେ ହଳଦୀ

ଆମ ରାଜ୍ୟରେ ଦୁଇ ପ୍ରକାର ହଳଦୀ ଦେଖାଯାଏ । ଦେଶୀ ବା ଓଡ଼ିଶୀ ହଳଦୀ । କିନ୍ତୁ ବୈଦ୍ୟଶାସ୍ତ୍ର ମତରେ ହଳଦୀ ୪ ପ୍ରକାର । ସାଧାରଣ ହଳଦୀ, କର୍ପୁର ହଳଦୀ, ବନ ହଳଦୀ ଓ ଦାରୁ ହଳଦୀ । ଭାରତୀୟ ବ୍ୟଞ୍ଜନରେ ହଳଦୀ ଅପରିହାର୍ଯ୍ୟ । ଏପରିକି ପ୍ରତ୍ୟେକ ଶୁଭ କାର୍ଯ୍ୟରେ ମଧ ହଳଦୀର ଉପସ୍ଥିତି ନିହାତି ଜରୁରୀ । ହଳଦୀ ଯେ କେବଳ ସ୍ୱାଦ ବା ଶୁଭ ପାଇଁ ଗ୍ରହଣୀୟ ତା ନୁହେଁ । ଏହା ବିଭିନ୍ନ ପ୍ରକାର ସଂକ୍ରମଣରୁ ଶରୀରକୁ ରକ୍ଷା କରିଥାଏ । ହଳଦୀରେ ରୋଗ ପ୍ରତିରୋଧକ ଉପାଦାନ ରହିଛରି । ହଳଦୀରେ ଥିବା ତତ୍ତ୍ୱ କରକ୍ୟୁମିନ୍ କାରଣରୁ କ୍ୟାଥେଲି ସାଇଡିନ୍ ଆଣ୍ଟି ମାଇକ୍ରୋବାୟଲ ପେପ୍‌ଟାଇଡ୍ (ସିଏଏମ୍‌ପି) ନାମକ ପ୍ରୋଟିନ୍‌ର ମାତ୍ରା ବୃଦ୍ଧି ପାଇଥାଏ । ଏହି ପ୍ରୋଟିନ୍ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଏ । ଫଳରେ ଶରୀର ଜୀବାଣୁ ଏବଂ ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇପାରେ । ସାଧାରଣତଃ ଖାଦ୍ୟରେ କରକ୍ୟୁମିନ୍‌ର ମାତ୍ରା ଖୁବ୍ କମ୍ ଥିଲେ ମଧ ଏହା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକାରୀ । ବିଶେଷ କରି ଏହି ତତ୍ତ୍ୱ ଅନ୍ତନଳୀରେ ସଂକ୍ରମଣ ରୋକିଥାଏ ।

## ସ୍ୱାସ୍ଥ୍ୟ ଉପକାରୀ କଲରା

ଆମେ ସମସ୍ତେ ଜାଣିଛେ କଲରାରେ ବହୁ ପରିମାଣର ଭିଟାମିନ୍ ମହଜୁଦ୍ ରହିଥାଏ, ଯାହାଦ୍ୱାରା ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କଲେ ଆମକୁ ଅନେକ ପ୍ରକାରର ରୋଗରୁ ଉପଶମ ମିଳିଥାଏ ।



ମଧୁମେହ : ମଧୁମେହ ହୋଇଥିଲେ ଦୈନିକ ୨୦ ଗ୍ରାମ କଲରା ରସ ସକାଳେ ଖାଲିପେଟରେ ପିଇଲେ ୧ ମାସ ମଧରେ ମୂତ୍ର ଶର୍କରା ଓ ରକ୍ତ ଶର୍କରା ନିୟନ୍ତ୍ରଣ ହୁଏ ।

ଗଣ୍ଠିବାତ : କଲରାକୁ ଚାଞ୍ଚି ଏହାର ଶେଷ ଭାଗକୁ ନିଆଁରେ ରଖି ପୋଡିବ । ଶିଝିଗଲାପରେ ଏହାକୁ ବାହାର କରି ଛେଚି ସେଥିରେ ଟିକେ ଚିନି ମିଶାଇ ରୋଗୀଙ୍କୁ ଗରମ ଗରମ ଖୁଆଇ ଦେବେ । ପ୍ରତିଥର ୧୦ ଗ୍ରାମ ଲେଖାଏଁ ଖାଇବାକୁ ଦିଅନ୍ତୁ । ଏହିପରି ଭାବରେ ରୋଗୀକୁ ୧୦ ଦିନ ପର୍ଯ୍ୟନ୍ତ ଖୁଆଇବ । ଏହାଦ୍ୱାରା ସ୍ନାୟୁଗତ ବାତ, ସନ୍ଧିବାତ ଆଦିରେ ବିଶେଷ ଲାଭ ହୁଏ ଏବଂ ପୀଡ଼ାସ୍ଥାନରେ କଲରାର ରସ ବାହାର କରି ଲେପ କରୁଥିବେ ।

ଅନ୍ଧାରକଣା : ଏହାର ରସରେ ଗୋଲମରିଚ ଘୋରି ଆଖିର ଉପରେ ଓ ତଳ ପତାରେ ଲଗାଇଲେ ଭଲ ହୁଏ ।

ବାନ୍ତି ହେଉଥିଲେ : କଲରାର ୨/୩ଟି ମଞ୍ଜି ସମଭାଗରେ ଗୋଲମରିଚ ସହିତ ଶିଳରେ ବାଟି ଅଳ୍ପ ପାଣିରେ ମିଶାଇ ଛାଣି ଟିକେ ଟିକେ ପିଆଇଲେ ପିଲାମାନଙ୍କର ଆଉ ବାନ୍ତି ହେବ ନାହିଁ ।

## ଲାଭକାରୀ ରସୁଣ



ରସୁଣରେ ପ୍ରଚୁର ପରିମାଣରେ ଆଣ୍ଟି ବ୍ୟାକ୍ଟେରିଆ, ଆଣ୍ଟି ଭାଇରାଲ, ଆଣ୍ଟି ଅକ୍ସିଡାଣ୍ଟ ଓ ଆଣ୍ଟି ଫଙ୍ଗାଲ ତତ୍ତ୍ୱ ରହିଥିବାରୁ ଏହା ବିଭିନ୍ନ ରୋଗର ଉପଶମ କରିଥାଏ । ପ୍ରତିଦିନ ୬୦୦ ମିଲିଗ୍ରାମ ରସୁଣ ଖାଇଲେ କୋଲେଷ୍ଟ୍ରୋରଲ ସ୍ତର ଠିକ୍ ରହିଥାଏ । ଚର୍ମରୋଗ ସୁରକ୍ଷା କରିଥାଏ । ଏଥିରେ ବ୍ୟାକ୍ଟେରିଆ ଗୁଣ ଥିବାରୁ ଦାନ୍ତ ବିନ୍ଧା ଦୂର କରେ । ରକ୍ତରେ ଶର୍କରା ସ୍ତରକୁ ବଢ଼ାଇ ଇନସୁଲିନ୍ ସ୍ତରକୁ ଠିକ୍ ରଖେ । ବିଶେଷଜ୍ଞଙ୍କ ପରାମର୍ଶରେ ରସୁଣ ଖାଇବା ଉଚିତ । ଏହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ।

ଶ୍ରୀକ୍ଷେତ୍ର
ବର୍ଷ ୨୬, ସଂଖ୍ୟା- ୩୨, ୭ - ୧୩ ଅଗଷ୍ଟ ୨୦୨୨

# ସରକାରକା ମାଲ...

୫ ବର୍ଷରେ ରାଜ୍ୟରେ ୧୧୭୬ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା । ୪୮୫ଟି ଜଙ୍ଗଲରେ ବୃକ୍ଷରୋପଣ ମଧ୍ୟରୁ ୧୯୧ଟିରେ ଗଛ ଉଧେଇଲାନି । କାରଣ ହେଲା ଗଛ ଲଗାଇବାକୁ ଭୁଲ୍ ସ୍ଥାନ ଚୟନ କରିଥିଲା ଜଙ୍ଗଲ ବିଭାଗ । ଅର୍ଥାତ ୪୦% ସ୍ଥାନରେ ବୃକ୍ଷରୋପଣ ଫେଲ୍ ମାରିଲା । ଏପରି ସାଂଘାତିକ ଭୁଲ୍ ଧରିଛନ୍ତି ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ।

୨୦୧୩-୧୪ ଆର୍ଥିକ ବର୍ଷରୁ ୨୦୧୭-୧୮ ପର୍ଯ୍ୟନ୍ତ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ କରିଥିବା ବୃକ୍ଷରୋପଣ କାର୍ଯ୍ୟର ସମ୍ପାଦନ ସମୀକ୍ଷା କରିଛନ୍ତି ସିଏଜି । ଏହି ରିପୋର୍ଟ ରାଜ୍ୟ ବିଧାନସଭାରେ ଉପସ୍ଥାପିତ ହୋଇଛି । ରିପୋର୍ଟରେ କୁହାଯାଇଛି ଯେତିକି ବୃକ୍ଷରୋପଣ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା, ତାହା ୧୧.୯୮% ରୁ ୫୦.୮୯%ରେ ସୀମିତ ରହିଛି । ଲକ୍ଷ୍ୟଗୁଡିକ ଅବାସ୍ତବ ଭାବେ ଧାର୍ଯ୍ୟ କରାଯାଇ ଥିବାରୁ ସମସ୍ତ ବୃକ୍ଷରୋପଣ ସମ୍ଭବ ହେଲାନି । ଅବକ୍ଷୟ ଜଙ୍ଗଲ ଜମି ଓ ଖାଲି ଥିବା ରାଜସ୍ୱ ଜମି ତଥ୍ୟ ଜଙ୍ଗଲ ବିଭାଗ ପାଖରେ ଉପଲବ୍ଧ ନାହିଁ । ତେଣୁ କ୍ଷେତ୍ରୀୟ କର୍ମଚାରୀଙ୍କ ମଧ୍ୟରେ ଭାଗ ଭାଗ କରି ବୃକ୍ଷରୋପଣ ଲକ୍ଷ୍ୟ ଦିଆଗଲା, ଯାହା କି ସମନ୍ୱୟ ଅଭାବରୁ ହାସଲ ହୋଇ ପାରିଲାନି ।

ଯେତିକି ଗଛ ଲଗାଗଲା ସେଥିରୁ ୪୦% ବଂଚିଲା ନାହିଁ । ୪୮୫ଟି ସ୍ଥାନରେ ବୃକ୍ଷରୋପଣରୁ ୧୯୧ଟି ବିଫଳ ହେବାରୁ ୧୩ କୋଟି ୧୭ ଲକ୍ଷ ଟଙ୍କାର ବ୍ୟୟ ପାଣିରେ ପଡିଲା । ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ବୃକ୍ଷରୋପଣ ପ୍ରକଳ୍ପ ପ୍ରସ୍ତାବ ଦାଖଲରେ ବିଳମ୍ବ ଏଥି ପାଇଁ ଦାୟୀ । ରକ୍ଷଣାବେକ୍ଷଣ ପାଇଁ ଦ୍ୱିତୀୟ ବର୍ଷରୁ ଆଉ ପାଣ୍ଠି ପ୍ରଦାନ କରାଗଲା ନାହିଁ । ତେଣୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ବୃକ୍ଷରୋପଣ ବଂଚିଲା ନାହିଁ । କ୍ଷତିପୂରକ ବନୀକରଣ କାର୍ଯ୍ୟକ୍ରମ ୩ ବର୍ଷରେ ହୋଇପାରିଲା ନାହିଁ ।

ଅଡିଟ୍ ଟିମ୍ ଓ ବନ ଅଧିକାରୀମାନେ ୪୧ଟି ବୃକ୍ଷରୋପଣକୁ ବାସ୍ତବ ଯାଞ୍ଚ କରିଥିଲେ । ସେଥିରୁ ୨୦ଟି ସ୍ଥାନରେ ଆଦୌ ଗଛ ଉଧେଇନଥିଲା । ୭ଟିରେ ଆଂଶିକ ଗଛ ବଂଚିଥିଲା । ଫଳରେ ୨ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ବୃଥା ଯାଇଛି ବୋଲି ରିପୋର୍ଟରେ କୁହାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜାତୀୟ ଜଙ୍ଗଲ ନୀତି ଅନୁଯାୟୀ ରାଜ୍ୟ ନିଜସ୍ୱ ରାଜ୍ୟ ଜଙ୍ଗଲ ନୀତି ଗଠନ କରିବା ଆବଶ୍ୟକ ଥିଲା । ଏହା ପ୍ରସ୍ତୁତ ନ ହେବା ଯୋଗୁଁ ରାଜ୍ୟରେ ସବୁଜ ବଳୟ ବୃଦ୍ଧି ଯୋଜନା ସଫଳ ହୋଇ ପାରିଲାନି । ସମୀକ୍ଷା ବେଳେ ବୃକ୍ଷରୋପଣ ପୂର୍ବ ଓ ପରବର୍ତ୍ତୀ ତଥ୍ୟ ଦେବାରେ କ୍ଷେତ୍ରୀୟ କର୍ମଚାରୀମାନେ ଅସମର୍ଥ ହୋଇଥିଲେ ।

ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି ଶାଳ ପ୍ରଜାତି ହେଲା ଓଡ଼ିଶାର ମୂଳ ସ୍ୱଦେଶୀ ପ୍ରଜାତି । କିନ୍ତୁ ଶାଳ ବଦଳରେ ଶାଗୁଆନ ପ୍ରଜାତି ବ୍ୟାପକ ରୋପଣ କରାଯାଇଛି । ଅଧିକାଂଶ ସ୍ଥାନରେ ଶାଗୁଆନ ଗଛର ଉଚ୍ଚତା ବୃଦ୍ଧି ହେଲାନି । ଏହା ବ୍ୟତୀତ ଶାଗୁଆନ ଗଛ ସ୍ଥାନୀୟ ବୃକ୍ଷରାଜି ଓ ଜୈବ ବିବିଧତାକୁ ପ୍ରଭାବିତ କରିଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ବୃକ୍ଷରୋପଣ କ୍ଷେତ୍ରରେ ବନଖଣ୍ଡ ଅଧିକାରୀ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମଧ୍ୟରେ ତାଳମେଳ ନାହିଁ । ଏପରିକି ବନଖଣ୍ଡ ଅଧିକାରୀ ସେମାନଙ୍କ କ୍ଷେତ୍ରରେ କେତେ ଜବ୍ କାର୍ଡ ରହିଛି ତାହା ଜାଣିନାହାନ୍ତି । ସେହିପରି ଅଧିକ ଘଞ୍ଚ ଜଙ୍ଗଲ ଭିତରେ ବାଉଁଶ ଚାରା ରୋପଣ କରାଯାଇଥିଲା । ଆଲୋକ ଉପଲବ୍ଧ ନ ହେବାରୁ ବାଉଁଶ ଚାରାଗୁଡିକ ବଢ଼ିପାରିଲେ ନାହିଁ ଓ ବୃକ୍ଷରୋପଣ ବିଫଳ ହେଲା । ସ୍ଥାନଗୁଡିକର ଭୁଲ୍ ଚୟନ ଓ ଅଭାବୀ ପରିଚାଳନା ଯୋଗୁଁ ୨୫୧ଟି ସ୍ଥାନରେ ବୃକ୍ଷରୋପଣ ବିଫଳ ହୋଇଥିବା ଅଡିଟ୍ ବେଳେ ଜଣାପଡିଛି । ସହରାଞ୍ଚଳ ବୃକ୍ଷରୋପଣରେ ବାଡ଼ ନିର୍ମାଣ ଓ ତୃତୀୟ ବର୍ଷରେ ରକ୍ଷଣାବେକ୍ଷଣ ପାଣ୍ଠିରେ ୧୪ କୋଟି ୮୨ ଲକ୍ଷ ଟଙ୍କା ଅନିୟମିତ ବ୍ୟୟ ହୋଇଛି । ଏହା ବ୍ୟତୀତ ସହରରେ ବୃକ୍ଷରୋପଣ ବାବଦରେ ଅଧିକ ଶ୍ରମଦିବସ ଦର୍ଶାଇ ୪୦ କୋଟି ଟଙ୍କା ଅଯଥା ବ୍ୟୟ ହୋଇଛି । ମୋଟାମୋଟି ଭାବେ ରିପୋର୍ଟରେ କୁହାଯାଇଛି ଯେ ବୃକ୍ଷରୋପଣ ପରେ ରେଞ୍ଜ ଅଧିକାରୀ ଓ କ୍ଷେତ୍ର କର୍ମଚାରୀ ନିୟମିତ ନିରୀକ୍ଷଣ କରିନଥିଲେ । ପ୍ରତି ବର୍ଷ ଗଛ କେତେ ବଢ଼ିବ ଓ କେତେ ପ୍ରତିଶତ ବଂଚି ରହିବ ତାହା ନିର୍ଦ୍ଧାରିତ ହୋଇନଥିଲା । ତେଣୁ ଜଙ୍ଗଲ ସମ୍ବଳ ବୃଦ୍ଧି ଓ ରକ୍ଷଣାବେକ୍ଷଣରେ ବିଭାଗର ଉଦ୍ଦେଶ୍ୟ ବିଫଳ ହେଲା । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ରାଜ୍ୟର ଅବକ୍ଷୟ ଜଙ୍ଗଲ କ୍ଷେତ୍ରରେ ଉନ୍ନତି ଆଣିବାରେ ବିଫଳ ହୋଇଛି ।



# ଅହିଂସାର କ୍ରିୟା

ମହାତ୍ମା ଗାନ୍ଧୀ

ଅହିଂସା ଏକ ଅତ୍ୟନ୍ତ ରହସ୍ୟପୁର୍ଣ୍ଣ ରୀତିରେ କାର୍ଯ୍ୟ କରିଥାଏ । ଅହିଂସାର ମାନଦଣ୍ଡରେ ବିଚାର କରି ଦେଖିଲେ ଜଣେ ମନୁଷ୍ୟର କ୍ରିୟାଗୁଡ଼ିକ ଆଦୌ କୌଣସି ବିଶ୍ଳେଷଣ ଭିତରେ ପଡ଼ନ୍ତି ନାହିଁ । ଠିକ୍ ସେହିପରି, ଆହୁରି ଅନେକ ସମୟରେ, ତା'ର କ୍ରିୟାଗୁଡ଼ିକ ହୁଏତ ହିଂସାର ଏକ ପ୍ରତୀତି ଆଣି ଦେଇଥାନ୍ତି, ମାତ୍ର ପ୍ରକୃତରେ ପରିପୂର୍ଣ୍ଣ ଅର୍ଥରେ ସେ ସମ୍ପୂର୍ଣ୍ଣ ଭାବରେ ଅହିଂସ ହୋଇ ରହିଥାଏ ଏବଂ ସେ ଅହିଂସ ରହିଲା ବୋଲି ପରେ ମଧ ପ୍ରତିପାଦିତ ହୁଏ । ମୋ' ଆଚରଣ ବିଷୟରେ ମୁଁ ସେଥିଲାଗି କେବଳ ଏତିକି ଦାବି କରି ପାରିବି ଯେ, ଯେଉଁସବୁ ଘଟଣାର ଉଲ୍ଲେଖ କରାଯାଇଛି, ଅହିଂସାର ଅଭିପ୍ରାୟଗୁଡ଼ିକ ଦ୍ୱାରା ହିଁ ତାହା ଅନୁପ୍ରେରିତ ହୋଇ ରହିଥିଲା । ତା' ଭିତରେ ଆଦୌ କୌଣସି ଅସୁନ୍ଦର ଜାତୀୟ କିମ୍ବା ଅନ୍ୟ ମତଲବ ନଥିଲା କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟକୁ ସେଥିରେ ବର୍ଜନ କରାଯାଇ ନଥିଲା ।

ମୋ' ଲାଗି ଅହିଂସା କେବଳ ଏକ ଦାର୍ଶନିକ ସିଦ୍ଧାନ୍ତମାତ୍ର ନୁହେଁ । ଏହା ହେଉଛି ମୋ' ଜୀବନର ମୂଳ ସିଦ୍ଧାନ୍ତ, ମୋ'ର ନିଃଶ୍ୱାସବତ ମୁଁ ଅନେକ ସମୟରେ ଯେ ବିଫଳ ହୁଏ, ସେକଥା ମୋତେ ଜଣାଅଛି । ବେଳେ ବେଳେ ସଚେତନ ଭାବରେ ବିଫଳ ହୁଏ, ଅଧିକାଂଶ ସମୟରେ ଅସଚେତନଭାବରେ ହୁଏ । ଏହା ବୁଦ୍ଧିର ନୁହେଁ, ହୃଦୟର ଏକ ବ୍ୟାପାର । ମୁଣ୍ଡ ବିନୟ, ଆତ୍ମତ୍ୟାଗ ସହିତ, ଆପଣାକୁ ଉତ୍ସର୍ଗ କରିନେବାକୁ ନିରନ୍ତର ପ୍ରସ୍ତୁତ ରହି ସର୍ବଦା ଭଗବାନଙ୍କ ଉପରେ ଭରସା ରଖୁଥିଲେ ଯାଇ ଯଥେଷ୍ଟ ମାର୍ଗଦର୍ଶନ ପ୍ରାପ୍ତ ହୁଏ । ଏହାର ଅଭ୍ୟାସ କରିବା ପାଇଁ ସର୍ବୋଚ୍ଚ ସ୍ତରର ଭୟଶୂନ୍ୟତା ଏବଂ ସାହସ ଆବଶ୍ୟକ ହୁଏ । ମୋ' ନିଜର ବିଫଳତାଗୁଡ଼ିକ ବିଷୟରେ ମୁଁ ସଖେଦ ସର୍ବଦା ସଜ୍ଞାନ ରହିଛି ।

ମାତ୍ର, ମୋ' ଭିତରେ ରହିଥିବା ଆଲୋକ ଅବିଚଳ ଓ ସ୍ପଷ୍ଟ ହୋଇ ରହିଛି । ସତ୍ୟ ଏବଂ ଅହିଂସାର ମାର୍ଗ ବ୍ୟତୀତ ଆଉ ଖସି ପଳାଇବାର ଅନ୍ୟ ଉପାୟ ନାହିଁ । ଯୁଦ୍ଧ ଏକ ଭୁଲ ଓ ଏକ ଅମିଶ୍ରିତ ମନ୍ଦ ବୋଲି ମୁଁ ଜାଣିଛି । ଏହାର ଲୋପ ଅବଶ୍ୟ ହେବ, ମୋତେ ସେ କଥା ମଧ ଜଣା ଅଛି । ମୁଁ ଦୃଢ଼ଭାବରେ ବିଶ୍ୱାସ କରୁଛି ଯେ, ରକ୍ତପାତ ଅଥବା ଶଠତା ଜରିଆରେ ପ୍ରାପ୍ତ ହୋଇଥିବା ସ୍ୱାଧୀନତା ସ୍ୱାଧୀନତା ହିଁ ନୁହେଁ ।... ହିଂସା ନୁହେଁ, ଅସତ୍ୟ ନୁହେଁ, ମାତ୍ର କେବଳ ଅହିଂସା । ସତ୍ୟ ହେଉଛି ଆମ ସଭାର ଯଥାର୍ଥ ବିଧାନ ।ହିଂସା ଉପରେ ଆଧାରିତ ହୋଇ ରହିଥିବା ଏକ ବ୍ୟବସ୍ଥାରେ, ଯେଉଁଠାରେ କି ନିଜର ବାଛିବାକୁ କିଛି ନଥାଏ ଓ ବାଧ ହୋଇ ସେହି ବ୍ୟବସ୍ଥାର ଅନ୍ତର୍ଗତ ହୋଇ ରହିବାକୁ ହୁଏ,

ସେଥିରେ ଜଣେ ଅହିଂସ ମନୁଷ୍ୟ ସତେଅବା ନିଜର ସହଜାତ ପ୍ରବୃତ୍ତିଦ୍ୱାରା ପ୍ରେରିତ ହୋଇ ପରୋକ୍ଷ ଅପେକ୍ଷା ଅଧିକ ଅପରୋକ୍ଷ ଭାବରେ ସେଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛା କରିଥାଏ । ମୁଁ ଏପରି ଏକ ପୃଥ୍ୱୀରେ ରହିଛି, ଯାହାକି ଅଂଶତଃ ହିଂସା ଉପରେ ଆଧାରିତ ହୋଇ ରହିଛି । ଗୋଟିଏ ପକ୍ଷରେ, ମୋ'ର ପ୍ରତିବେଶୀମାନଙ୍କୁ ହତ୍ୟା କରିବା ପାଇଁ ନିଯୁକ୍ତ ହୋଇ ରହିଥିବା ସେନାବାହିନୀର ରକ୍ଷଣାବେକ୍ଷଣ ନିମନ୍ତେ ଅର୍ଥ ଦେବା ଓ ଅନ୍ୟ ପକ୍ଷରେ ନିଜେ ଜଣେ ସୈନ୍ୟ ହୋଇ ସେଥିରେ ଯୋଗ ଦେବା, ଯଦି ଏହି ଦୁଇଟି ମଧ୍ୟରୁ ଗୋଟିକୁ ବାଛିନେବାକୁ ମୋତେ କୁହାଯାଏ, ମୋ'ର ମୋ' ନିଜ ଧର୍ମ ସହିତ ସଙ୍ଗତି ରକ୍ଷା କରି ମୁଁ ନିଜକୁ ସୈନ୍ୟଭାବରେ ନାମାଙ୍କିତ କରାଇବି ଏବଂ ତାହା ହିଁ କରିବାକୁ ମୋ'ର କର୍ତ୍ତବ୍ୟ ବୋଲି ଜାଣିବି । ହିଂସାର ଶକ୍ତିଗୁଡ଼ିକୁ ନିୟନ୍ତ୍ରଣ ମଧ୍ୟରେ ରଖିବାର ଓ ଏପରିକି ମୋ'ର ସାଥୀସୈନ୍ୟମାନଙ୍କୁ ମୋ'ର ମତ ଆଡ଼କୁ ଢଳାଇ ଆଣିବା ଆଶାରେ ମୁଁ ସେହିପରି କରିବି ।

# ଗୁଣକାରୀ ଅଦା

ରୋଷେଇରେ ନିୟମିତ ବ୍ୟବହାର କରାଯାଉଥିବା ଅଦା ଖାଦ୍ୟକୁ ଯେପରି ସୁଆଦିଆ କରେ ସେହିପରି ସ୍ୱାସ୍ଥ୍ୟ ପାଇଁ ମଧ ଏହା ବେଶ୍ ହିତକାରୀ । ଅଦାରେ ରହିଥିବା ନ୍ୟୁଟ୍ରିଏଣ୍ଟସ୍ କୌଣସି ବି ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ ।

ଅଦାରେ ଇମ୍ୟୁନିଟି ପାୱାର ରହିଥାଏ । ଯାହାଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ିଥାଏ । ଥଣ୍ଡା କାଶ ପରି ସଂକ୍ରମଣରୁ ରକ୍ଷା କରି ଦେଇଥାଏ ।

ଅଦାରେ ଥର୍ମୋଜେନିକ ଏଜେଣ୍ଟସ୍ ଥାଏ । ତେଣୁ ପ୍ରତିଦିନ ଉଷୁମ ପାଣି ସହ ଅଳ୍ପ ଅଦାକୁ ଚୋବେଇ ଖାଇଲେ ମଧ ଶରୀରରୁ ଏହା ମେଦ ହ୍ରାସ କରିଥାଏ ।

ଅଦା ଖାଇବା ଦ୍ୱାରା ହାର୍ଟ ସମସ୍ୟାରୁ ସୁରକ୍ଷା ମିଳିଥାଏ ।

ଏଥିରେ ଆଣ୍ଟି ଇଂଫ୍ଲେମେଣ୍ଟରି ଗୁଣ ରହିଥିବାରୁ, ଆଣ୍ଠୁଗଣ୍ଠି ବିନ୍ଧାରୁ ସୁରକ୍ଷା ଦେଇଥାଏ ।

ଅଦାରେ ଫସଫରସ୍ ଥାଏ, ତେଣୁ ଦାନ୍ତ ସମସ୍ୟା ଥିବା ବ୍ୟକ୍ତି ନିୟମିତ ଅଦା ଖାଇଲେ ଏହା ଦାନ୍ତକୁ ମଜଭୁତ କରିବା ସହ ଦାନ୍ତ ସହିତ ଜଡିତ ସମସ୍ୟାକୁ ମଧ ଦୁରେଇ ଦେଇଥାନ୍ତି ।

ଏଥିରେ ଆଣ୍ଟିସେପ୍ଟିକ୍ ରହିଛି, ଯାହା ଫଳରେ ଏହା ତ୍ୱଚାକୁ ନମନୀୟ କରିବା ସହ ବ୍ରଣ ଭଳି



ସମସ୍ୟାକୁ ଦୁରେଇ ଦେଇଥାଏ ।

ଅଦାରେ ଆଇରନ୍ ରହିଛି । ଫଳରେ ଆଇରନ୍ ଅଭାବରୁ ହୋଇଥିବା ରୋଗ ଏନିମିଆରୁ ମଧ ଏହା ରକ୍ଷା ଦେଇଥାଏ ।

କିନ୍ତୁ ସର୍ବଦା ଅଦାର ମାତ୍ରା କମ୍ ନେଉଥିବେ କାରଣ ପ୍ରସ୍ତୁତ ପରିମାଣର ଅଦା ଖାଇବା ଦ୍ୱାରା ଏହା ରକ୍ତଚାପ ହ୍ରାସ କରି ଦେଇଥାଏ । ସେହିପରି ମଧୁମେହ ରୋଗୀ ଅଦା ଖାଇବା ଭଲ ନୁହେଁ ।

# ଶାରୀରିକ ସମସ୍ୟା ଦୂର କରେ ଖଜୁରୀ

ଖଜୁରୀ ଏକ ଏପରି ଫଳ ଯାହାକି ବର୍ଷକ ୧୨ ମାସ ମିଳିଥାଏ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ ଓ କ୍ୟାଲସିୟମ୍ ପରି ଉପକାରୀ ଜିନିଷ ଭରି ହୋଇ ରହିଥାଏ । ଯାହା କି ଶରୀର ପାଇଁ ବେଶ୍ ଉପକାରୀ ।

ମେଦବହୁଳତାକୁ ନେଇ ଚିନ୍ତିତ ଥିବା ବ୍ୟକ୍ତି ଯଦି ନିୟମିତ ଖଜୁରୀ ଖାଆନ୍ତି, ତେବେ



ସେମାନଙ୍କର ଓଜନ ନିୟନ୍ତ୍ରିତ ରହିବା ସହିତ ଚର୍ବି ମଧ ହ୍ରାସ କରିଥାଏ ।

ବର୍ତ୍ତମାନ ସମସ୍ତଙ୍କ ସାମ୍ନାରେ ମୁଣ୍ଡ ଟେକିଛି କେଶ ସମସ୍ୟା । କେଶ ସମସ୍ୟାକୁ ନେଇ ଆଜିକାଲି ସମସ୍ତେ ଚିନ୍ତିତ । କିନ୍ତୁ ପ୍ରତିଦିନ ଖଜୁରୀ ଖାଇବା ଦ୍ୱାରା କେଶ ଝଡିବା ବନ୍ଦ ହେବା ସହିତ କେଶ କଳା ହେବାକୁ ମଧ ଲାଗେ ।

# ସର୍ବେଦ

**ପ୍ରତ୍ୟେକ ଅୱସ୍ଥା ୟୋଗ କୀ,**
**ପୃଥକ ପୃଥକ ସବ ଭୂମି ।**
**ପୃଥକ ପୃଥକ ସବ ଦୃଶ୍ୟ ହୈ,**
**ଅନୁଭୱ ୱେତ୍ତା ଝୂମି ॥୦୧॥**

ଭାଷ୍ୟ - ଯୋଗର ପ୍ରତ୍ୟେକ ଅବସ୍ଥା ସକାଶେ ଅଲଗା ଅଲଗା ସ୍ଥାନ ଏବଂ ଭିନ୍ନ ଭିନ୍ନ ଦୃଶ୍ୟ ଥାଏ, ଯାହାକୁ ଅନୁଭବୀ ତତ୍ତ୍ୱବେତ୍ତା ସାକ୍ଷାତ ଅନୁଭବ କରିଥାନ୍ତି ।

**ସୁଇ ମେଁ ଡୋରା ଜ୍ୟୋଁ ପରେ,**
**ତ୍ୟୋଁ ନାକା ପରୱେଶ ।**
**ସୁରତି ସୁକ୍ଷ୍ମ ନୀରତି ବନେ, ପହୁଁଚେ**
**ଅପନେ ଦେଶ ॥୦୨॥**

ଭାଷ୍ୟ - ଯେଉଁ ପ୍ରକାର ଛୁଞ୍ଚରେ ସିଲେଇ କଲାବେଳେ ଗାରଟିଏ ପଡ଼ିଥାଏ, ସେହି ପ୍ରକାର ସୁରତି ଛିଦ୍ରରେ ପ୍ରବେଶ କରି ନିରତି ହୋଇ ନିଜ ଦେଶକୁ ଅର୍ଥାତ୍ ନିଜ ସ୍ଥାନକୁ ପହଞ୍ଚିଯାଏ ।

**ଅଦ୍‌ଭୁତ ମାୟୁ ଗଗନ ମେଁ, ଅର୍ଧ**
**ସୋମରସ ଧାର ।**
**ସୀତା ୱୈଦିକ ନାମ ହୈ, ୟୋଗିନ**
**ପ୍ରାଣ ଅଧାର ॥୦୩॥**

ଭାଷ୍ୟ - ସାରଶବ୍ଦ ସତ୍‌ପୁରୁଷଙ୍କୁ ଅଦ୍ଭୁତ ଶବ୍ଦ କହି ସମ୍ବୋଧନ କରାଯାଇଛି । ମାୟୁ ଶବ୍ଦ ଏକ ଅର୍ଥର ବାଚକ ଶବ୍ଦ ଅଟେ । ଚିଦାକାଶରୁ ଯେଉଁ ସୋମରସର ଧାର ନିମ୍ନକୁ ପ୍ରବାହିତ ହୁଏ ତାହାକୁ ବୈଦିକ ସାହିତ୍ୟରେ ସୀତା କହିଥାନ୍ତି । ସେହି ଅର୍ଦ୍ଧ ପବିତ୍ର ପ୍ରବାହ ଯୋଗୀମାନଙ୍କର ପ୍ରାଣର ଆଧାର ଅଟେ ।

**କାସା ଚେତନ ଚିତି କଲା, କିରଣ**
**ସୁରତି ଚିତି ଜ୍ଞାନ ।**
**ୟହ ଶବ୍ଦ ପରୟାୟ ହୈଁ, ସନ୍ତ**
**ଅମତ ମତ ଜ୍ଞାନ ॥୦୪॥**

ଭାଷ୍ୟ - କାସା, ଚେତନ, ଚିତି କଳା, କିରଣ, ସୁରତି, ଚିତି ଶକ୍ତି - ଏ ସମସ୍ତ ଶବ୍ଦ ଗୋଟିଏ ଅର୍ଥର ବାଚକ ଅଟନ୍ତି । ବିହଙ୍ଗମ ଯୋଗୀ ଅନୁଭବୀ ସନ୍ଥ ଏହି ଚିତି ଶକ୍ତିର ଜ୍ଞାନ ରଖିଥାନ୍ତି । ମନ, ପ୍ରାଣ ଏବଂ ଇନ୍ଦ୍ରିୟ ଜଗତରୁ ଆତ୍ମରଶ୍ମୀ ଏବଂ ଚେତନ ସୁରତି ଭିନ୍ନ ବସ୍ତୁ ଅଟନ୍ତି ।

**ମନ ମଣ୍ଡଲ ମେଁ ଘର ବନା, ବାହ୍ୟ**
**ଦୃଶ୍ୟ ସଂସାର ।**
**ମନ ଭୂମୀ କେ ତ୍ୟାଗ ମେଁ, ରହେ**
**ନ ଜଗତ ପସାର ॥୦୫॥**

ଭାଷ୍ୟ - ଯେତେବେଳେ ଆତ୍ମା ମନ ମଣ୍ଡଳରେ ରହି ଇନ୍ଦ୍ରିୟ ଜଗତର ବ୍ୟବହାର କରେ, ସେତେବେଳେ ବାହ୍ୟ ଜଗତ ଅର୍ଥାତ୍ ସଂସାର ପ୍ରତ୍ୟକ୍ଷ ହୋଇଥାଏ ଆଉ ଯେତେବେଳେ ମନର ମଣ୍ଡଳ ତ୍ୟାଗ କରିଦିଏ,




ସେତେବେଳେ ବାହ୍ୟ ସଂସାରର ମୋହ ଆଦୌ ରହେ ନାହିଁ, ଅର୍ଥାତ୍ ସଂସାର ପ୍ରତି ବିତସ୍ପୃହ ହୋଇଯାଏ ।

**ଜାହି ଭୂମି ଜୋ ଦୃଶ୍ୟ ହୈ, ରହତ**
**ସାମନେ ଆୟ ।**
**ଜଡ଼ ଚେତନ ଦୋ ଭେଦ ମେଁ,**
**ପର ଅପରା ଛୱି ଛାୟ ॥୦୬॥**

ଭାଷ୍ୟ - ଯେଉଁ ଭୂମିର ଯେପରି ଦୃଶ୍ୟ ହୋଇଥାଏ, ତାହା ଦର୍ଶକ ସମ୍ମୁଖରେ ପ୍ରକଟ ହୋଇଥାଏ । ଏହି ଦୃଶ୍ୟର ଜଡ଼ ଚେତନ ଭଳି ଦୁଇ ପ୍ରକାର ଭେଦ ରହିଛି । ଏ ଦୁଇ ଦୃଶ୍ୟ ନିଜ ନିଜ ମଣ୍ଡଳରେ ଦୃଷ୍ଟିଗୋଚର ହୋଇଥାନ୍ତି । ଯୋଗର ପାଞ୍ଚଟି ଭୂମି ଅର୍ଥାତ୍ ପାଞ୍ଚଟି ଶ୍ରେଣୀ ହୋଇଥାଏ । ଯେଉଁ ଭୂମିରେ ସାଧକର ଚେତନା ସ୍ଥିର ରହେ, ସେହି ଭୂମିର ଜ୍ଞାନ କିମ୍ବା ଦୃଶ୍ୟ ତାହାକୁ ପ୍ରକଟ ଅନୁଭବ ହୋଇଥାଏ ।

**ସୁରତି ନିରତି କେ ରୂପ ମେଁ, ଶବ୍ଦ**
**କରେ ପରୱେଶ ।**
**ମନ କା ତବ ଅଭିମାନ ସବ, ମିଟୈ**
**ଜଗତ ଭ୍ରମ ୱେଶ ॥୦୭॥**

ଭାଷ୍ୟ - ଯେତେବେଳେ ସୁରତି ନିରତି ହୋଇ ଶବ୍ଦରେ ପ୍ରବେଶ କରେ, ସେତେବେଳେ ମନର ସମସ୍ତ ଅଭିମାନ ନଷ୍ଟ ହୋଇଯାଏ ଏବଂ ସମସ୍ତ ପ୍ରକୃତ ଅଜ୍ଞାନ ଆବରଣ କ୍ଷୟ ହୋଇଯାଏ ।

**ସାର ଶବ୍ଦ ପରକାଶ ସେ, ଆତ୍ମ**
**ପ୍ରକାଶିତ ହୋୟ ।**
**ସଦ୍‌ଗୁରୁ ନିତ୍ୟ ଅନାଦି ୱୈ, ନିକଟ**
**ୱାସ ହୋ ସୋୟ ॥୦୮॥**

ଭାଷ୍ୟ - ଯେତେବେଳେ ସାରଶବ୍ଦର ପ୍ରକାଶରୁ ଆତ୍ମା ପ୍ରକାଶିତ ହୋଇଯାଏ ସେତେବେଳେ ସେହି ସନ୍ଥ ନିକଟରେ ନିତ୍ୟ ଅନାଦି ଗୁରୁଙ୍କର ବାସ ହୋଇଥାଏ ।

**ସହଜ ୟୋଗ ଅଭ୍ୟାସ ସେ, ଉଚ୍ଚ**
**ଉଚ୍ଚ ଭୂମି ଆୟ ।**
**ତ୍ୟୋଁହି ଜ୍ଞାନ ଉଚ ଉଚ ପରେ, ପୂର୍ଣ୍ଣ**
**ଜ୍ଞାନ ନିଧି ପାୟ ॥୦୯॥**

ଭାଷ୍ୟ - ଯେଉଁ ପ୍ରକାର ବିହଙ୍ଗମ ଯୋଗ ସାଧନାର ଅଭ୍ୟାସ ଦ୍ୱାରା ଆତ୍ମାକୁ କ୍ରମଶଃ ସର୍ବୋଚ୍ଚ ଭୂମି ପ୍ରାପ୍ତ ହୋଇଥାଏ, ସେହି ପ୍ରକାର ଜ୍ଞାନର ମଧ୍ୟ ଉତ୍ତରୋତ୍ତର ବୃଦ୍ଧି ହୋଇଥାଏ ଆଉ ପୂର୍ଣ୍ଣ ଲକ୍ଷ୍ୟ ପ୍ରାପ୍ତି ହେବା ପରେ ଜ୍ଞାନ ମଧ୍ୟ ପରିପୂର୍ଣ୍ଣ ହୋଇଯାଏ ।

**ତାର ନିରନ୍ତର ଉର୍ଦ୍ଧ୍ୱ ମେଁ, ଚେତନ**
**ୟୋଗ ପ୍ରୱାହ ।**
**ସୋ ୟୋଗୀ ୱେ ଧନ୍ୟ ହୈଁ,**
**ଜିୱନ୍ମୁକ୍ତକ ପଦ ଆହ ॥୧୦॥**

ଭାଷ୍ୟ - ସୋମରସ ପ୍ରବାହୀ ଜୀବନରୁ ମୁକ୍ତ ବିହଙ୍ଗମ ଯୋଗୀ ଧନ୍ୟ ଅଟନ୍ତି, ଯାହାଙ୍କର ଉର୍ଦ୍ଧ୍ୱ ପ୍ରବାହ ସର୍ବଦା ଏକ ରୂପରେ ପ୍ରବାହିତ ହେଉଥାଏ ।

ଜୀୱନ୍ମୁକ୍ତ ଗୁରୁ ଆପ୍ତ ମେଁ, ସତ୍ୟ ଜ୍ଞାନ
ଜଗ ଆୟ ।
ଧାର ଈଶ୍ୱରୀ ମିଲ ରହା, ଜଗ
ଜୀୱନ ପଥ ପାୟ ॥୧୧॥

ଭାଷ୍ୟ - ଜୀବନ ମୁକ୍ତ ଆପ୍ତ ସଦ୍‌ଗୁରୁମାନଙ୍କ ଠାରେ ଈଶ୍ୱରୀୟ ଜ୍ଞାନର ଧାର ପ୍ରବହମାନ ଥାଏ ଯାହା ଦ୍ୱାରା ସଂସାରକୁ ସତ୍ୟ ଜ୍ଞାନ ପ୍ରାପ୍ତ ହୋଇଥାଏ ଏବଂ ସେଥିରୁ ଜଗତର ଜୀବମାନଙ୍କୁ ପଥ ପ୍ରଦର୍ଶନ ହୋଇଥାଏ ।

## ଅଙ୍କୁରିତ ଖାଦ୍ୟ ଶରୀର ପାଇଁ ଉପକାରୀ

ଅଙ୍କୁରିତ ଖାଦ୍ୟରେ ଭିଟାମିନ୍ ଓ ପ୍ରୋଟିନ୍ ପ୍ରଚୁର ପରିମାଣରେ ରହିଥିବାରୁ ତାହା ହାଡ଼କୁ ମଜଭୁତ୍ କରେ । ଏସବୁ ଖାଦ୍ୟରେ ମାତ୍ରାଧିକ ଫାଇବର ଥିବାରୁ ତାହା ହଜମ ପ୍ରକ୍ରିୟା ଉତ୍ତମ କରେ । ଦୈନିକ ଏହା ଖାଇଲେ ଅମ୍ଳ ରୋଗରୁ ରକ୍ଷା ମିଳେ । ଅଙ୍କୁରିତ ଖାଦ୍ୟରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ, ବି, ସି ଥିବାରୁ ପ୍ରତ୍ୟେକ ବର୍ଗର ଲୋକେ ଦୈନିକ ଏହା ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ।

## ଆପଣ ଜାଣନ୍ତି କି ?

- ⇨ ମହାବଳ ବାଘର ଗର୍ଜନ ପ୍ରାୟ ୩ କି.ମି ଦୂର ପର୍ଯ୍ୟନ୍ତ ଶୁଣାଯାଇ ପାରେ ।
- ⇨ ବିଶ୍ୱରେ ଯେତେ ବାଘ ଜଙ୍ଗଲରେ ଅଛନ୍ତି ଆମେରିକାରେ ତା'ଠାରୁ ଅଧିକ ବାଘ ଅଛନ୍ତି ।
- ⇨ ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ନେପାଳ ଓ ଭାରତ ସୀମାରେ ଏକ ମହାବଳ ବାଘ ଏକାକୀ ୪୩୦ ଲୋକଙ୍କୁ ମାରିଥିଲା । ମୃତକଙ୍କ ମଧରେ ଉଭୟ ଭାରତ ଓ ନେପାଳ ଦେଶର ନାଗରିକ ଥିଲେ ।
- ⇨ ବିଲେଇର ୯୫.୬ ପ୍ରତିଶତ ଡିଏନଏ ବାଘର ଡିଏନଏ ସହ ମିଶି ଯାଇଥାଏ ।
- ⇨ ମନୁଷ୍ୟ ହାତ ପାପୁଲିର ରେଖା ଯେପରି ଅଦ୍ୱିତୀୟ, ଅର୍ଥାତ୍ ଜଣକର ରେଖା ଅନ୍ୟ କାହା ସହ ମିଶେ ନାହିଁ, ସେହିପରି ବାଘ ଶରୀରରେ ଥିବା ଚିତ୍ରବିଚିତ୍ର ରଙ୍ଗ ଅନ୍ୟ ବାଘ ସହ ମିଶେ ନାହିଁ । ସବୁ ବାଘଙ୍କ ରଙ୍ଗ ପରସ୍ପର ଠାରୁ ଅଲଗା ।
- ⇨ ସବୁଠାରୁ ଅଧିକ ବାଘ ଜଙ୍ଗଲ ଅପେକ୍ଷା ସାଇବେରିଆର ତୁଷାରାଚ୍ଛନ୍ନ ଅଞ୍ଚଳରେ ରହନ୍ତି ।
- ⇨ ବାଘ ସାଧାରଣତଃ ଭାଲୁକୁ ଶିକାର କରେ ନାହିଁ । ତେବେ ବୟସ୍କ ଭାଲୁ ଅର୍ଥାତ୍ ଦୁର୍ବଳ ଭାଲୁକୁ ଦେଖିଲେ ବାଘ ଆକ୍ରମଣ କରିଥାଏ ।
- ⇨ ଏସିଆରେ କେବଳ ସର୍ବ ପୁରାତନ ବାଘ ଦେଖିବାକୁ ମିଳିଥାଏ ।
- ⇨ ବାଘ, ସିଂହ ଓ ବିଲେଇ ମିଠାର ସ୍ୱାଦ ଜାଣି ପାରୁ ନଥିବାରୁ ସେମାନେ ମିଠା ଦ୍ରବ୍ୟ ଖାଆନ୍ତି ନାହିଁ ।
- ⇨ ସାଧାରଣ ବାଘଠାରୁ ଧଳା ବାଘଙ୍କ ଦୃଷ୍ଟି ଶକ୍ତି ପ୍ରଖର । ଏମାନେ ରାତିରେ ବିନା ଆଲୋକରେ ଶିକାର କରିବାରେ ସକ୍ଷମ ।

## କହିପାରିବେ କି ?

(୧) ଆମେରିକାର ରାଜଧାନୀ ୱାଶିଂଟନ କେଉଁ ଜିଲ୍ଲାରେ ଅବସ୍ଥିତ ?

(୨) ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ କେଉଁ ଠାରେ ଅବସ୍ଥିତ ?

(୩) ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ଟଣା ପାଇଁ ଉଦ୍ଦିଷ୍ଟ ରଥ ରଜ୍ଜୁର ନାମ କ'ଣ ଅଟେ ?

(୪) ସତ୍ୟମେବ ଜୟତେ ଉକ୍ତିଟି କେଉଁଠାରୁ ଆସିଅଛି ?

(୫) ଭାରତରେ ବର୍ତ୍ତମାନ କେତୋଟି ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଅଛି ?

(୬) 'ଅଲିମ୍ପିକ୍ କାଉନସିଲ ଅଫ୍ ଏସିଆ'ର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?

(୭) ସୀମାନ୍ତ ଗାନ୍ଧୀ କାହାକୁ କୁହାଯାଏ ?

(୮) ଆମ ଦେଶ ଭାରତରେ ଦେଶ ବନ୍ଧୁ ରୂପେ କିଏ ପରିଚିତ ?

(୯) ବେଙ୍ଗଲ ଟାଇଗର ରୂପେ କେଉଁ ମହାନ୍ ବଙ୍ଗୀୟ ବ୍ୟକ୍ତି ପରିଚିତ ଅଟନ୍ତି ?

(୧୦) ଭାରତରେ ଜନସଂଘର ପ୍ରତିଷ୍ଠାତା କିଏ ଥିଲେ ?

### JUMBLE WORDS

| | | | |
|---|---|---|---|
| 1) RYIDT | = | 6) CNHIF | = |
| 2) TRUSB | = | 7) SLJOET | = |
| 3) RZFEEE | = | 8) LEEINF | = |
| 4) KNOPES | = | 9) NCAKK | = |
| 5) ZELAG | = | 10) DIGEU | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.୨ଟି, ୨.ମାଧାକର୍ଷଣ ଶକ୍ତି, ୩.ଅଲଟରନେଟିଂ, ୪.ଉଷ୍ମ, ୫.ରବୀନ୍ଦ୍ର ନାଥ ଟାଗୋର, ୬. ଗୋପୀନାଥ ମହାନ୍ତି, ୭.ଶରତ ଚନ୍ଦ୍ର ଚଟ୍ଟୋପଧାୟ, ୮.ହର ମାଷ୍ଟର ଭଏସ୍, ୯.ପାଲାମ୍ ବିମାନ ବନ୍ଦର, ୧୦. ଡାଇମଣ୍ଡ ହର୍ବର ।

***Jumble Words*** ର ଉତ୍ତର :-

(1) TRENDY (2) VISUAL (3) FABLE (4) HUSKY (5) SMILE
(6) CRAYON (7) HOVER (8) UNITY (9) PENCIL (10) BUFFET

# ମହାସମାରୋହରେ ପାଳିତ ହେଲା.... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଗରମ ଓ ଗୁଳୁଗୁଳି ସତ୍ତ୍ୱେ ସମବେତ ହୋଇଥିଲେ ହଜାର ହଜାର ପୁରୁଷ, ମହିଳା, ଶିଶୁ । ଲାଗିଥିଲା ସମ୍ବଲପୁରୀ ସଂସ୍କୃତିର ମେଳା ନାଚ, ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ, ଖାଦ୍ୟପେୟରେ ଦିନ ୨ଟାରୁ ରାତି ୧୦ଟା ଯାଏ । ମସଗୁଲ ହୋଇ ଯାଇଥିଲେ ସମସ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜେଲ୍ ଛକ-ନେଲ୍‌ସନ ମାଣ୍ଡେଲା ଛକ ମୁଖ୍ୟ ରାସ୍ତା ଓ ଟାଉନ୍ ହଲ୍ ପଡ଼ିଆ ଦୁଲୁକି ଥିଲା । ସମ୍ବଲପୁରୀ ଏକତା ମଞ୍ଚର କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସୁପର୍ ହିଟ୍ ଗୀତ 'ହର ହର ଶମ୍ଭୁ..'ର ଗାୟିକା ଅଭିଲିପ୍‌ସା ପଣ୍ଡା ମୁଖ୍ୟ ଆକର୍ଷଣ ପାଲଟିଥିଲେ । ସେ 'ହର ହର ଶମ୍ଭୁ' ଗାଇବା ମାତ୍ରେ ଦର୍ଶକ ମତୁଆଲା ହୋଇ ଉଠିଥିଲେ । ତାଙ୍କୁ ଶୁଣିବାକୁ ପଡ଼ିଆ ଓ ରାସ୍ତାଘାଟରେ ଜାଗା ହୋଇ ନ ଥିଲାବେଳେ ନବନିର୍ମିତ ଫ୍ଲାଇଓଭର୍ ଉପରେ ବି ଦର୍ଶକଙ୍କ ଭିଡ଼ ଜମିଥିଲା । ଏହା ବ୍ୟତୀତ ଅଭିନେତା ମନୋଜ ମିଶ୍ର, ଗାୟକ ଉମା, ଶାନ୍ତନୁ, ତୁଳାରାମ କଲେତ, ଲିପିକା ବିଭାର ପ୍ରମୁଖ ଲୋକଙ୍କୁ ଆକର୍ଷିତ କରିଥିଲେ । ସେହିପରି ପଶ୍ଚିମାଞ୍ଚଳ ଏକତା ମଞ୍ଚର କାର୍ଯ୍ୟକ୍ରମରେ କଳାହାଣ୍ଡିରୁ ନେଇ ସୁନ୍ଦରଗଡ଼ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାର କଳାକାର ମାନେ ଲୋକଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ରଂଗବତୀ ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଗାୟିକା କ୍ରିଷ୍ଣା ପଟେଲ ପ୍ରମୁଖ ଆକର୍ଷଣର କେନ୍ଦ୍ରରେ ରହିଥିଲେ ।

ପୂର୍ବବର୍ଷ ମାନଙ୍କ ଭଳି କଚେରୀ ଛକରେ ପଶ୍ଚିମାଞ୍ଚଳ ଏକତାମଞ୍ଚ ପକ୍ଷରୁ ଏକ ବର୍ଣ୍ଣାଢ଼୍ୟ ଉତ୍ସବ ଆୟୋଜନ କରାଯାଇଥିଲା । ଏହି ଉତ୍ସବକୁ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ ଉଦ୍‌ଘାଟନ କରିଥିଲେ । ମଞ୍ଚର ଆବାହକ ଭବାନୀଶଙ୍କର ଭୋଇଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ଗୁରୁ ରଞ୍ଜନ ସାହୁ, ତୁଳାରାମ କଲେତ, କୃଷ୍ଣଚନ୍ଦ୍ର ବାଗ୍, ଜିଲ୍ଲା ସଂସ୍କୃତି ଅଧିକାରୀ ଦିପକ କୁଲୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସଂଯୋଜକ ଡକ୍ଟର ପ୍ରମୋଦ କୁମାର ରଥ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା । ପରେ ପରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ଏହି ଅବସରରେ ଜେଲ ଛକସ୍ଥିତ କଳା କେନ୍ଦ୍ରରେ ଗୁଣରଞ୍ଜନ ସାଲିମା ଓ ଲଳିତ କୁମାର ବେବର୍ତ୍ତାଙ୍କ ସଂଯୋଜନାରେ ସମ୍ବଲପୁରୀ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ଏଥିରେ ଗୁରୁ ବିନୋଦ ପଶାୟତ ଓ କାଳିଚରଣ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇଥିଲେ ।

ସନ୍ଧ୍ୟାରେ ଜିଲାପାଳ ଅନନ୍ୟା ଦାସ, ଏସ.ପି ବି ଗଂଗାଧର, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଆଇ.ଆଇ.ଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ପ୍ରସାଦ ଜୟସ୍ୱାଲ, ମହାନଗର ନିଗମ କମିଶନର ପ୍ରଦୀପ ସାହୁ, ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ମୁରଲୀକ୍ରିଷ୍ଣା, ବିଜେପି ସଭାପତି ଗିରୀଶ ପଟେଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ 'ଗୁରୁ ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଜାତୀୟ ସମ୍ମାନ'ରେ ଗୁରୁ ଭାଗବତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରୋଟାରୀ କ୍ଲବ ଓ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ 'ସମ୍ବଲପୁରୀ' ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବାକୁ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା । ଏହି ଅବସରରେ ଏକ ସମ୍ବଲପୁରୀ ଫେସନ ଶୋ ଆୟୋଜିତ ହୋଇଥିଲା । ଅଭିନେତା ମନୋଜ ମିଶ୍ର, ଅର୍ଚ୍ଚନା ପାଢ଼ୀ, ମାନସ ଷଡ଼ଙ୍ଗୀ, କ୍ରିଷ୍ଣା ପଟେଲ, ପଦ୍ମିନୀ ଦୋରା, ଶଶାଙ୍କ ଶେଖର ଦୁବେ, ବିରେନ ମଣ୍ଡୁ, ଭରତ ସାହୁ ପ୍ରମୁଖ ସେମାନଙ୍କ କଳା ପ୍ରଦର୍ଶନ କରି ଜନସାଧାରଣଙ୍କ ମନ ମୋହିଥିଲେ । କଳା ଓ କଳାକାର, ନଟରାଜ, କଳା ଓ ସଂସ୍କୃତି ପରିଷଦ, ଟ୍ରାଇବାଲ ଓ ଫୋକ୍ ଆର୍ଟ ସେଣ୍ଟର, ଉଡ଼ାନ, କଳାକେନ୍ଦ୍ର, କଳାକୃତି, ସୁବାସ ଗ୍ରୁପ୍, ବିଦ୍ୟାସିନୀ ଡାନ୍ସ, କଳାହାଣ୍ଡିର ପ୍ରତିଭା, ସୋନପୁରର ରୁମକୁ ଝୁମାନା, ବରଗଡ଼ କୁମ୍ଭାରୀର ଶବ୍ଦନୃତ୍ୟ ଆଦି ୪୭ଟି ଦଳ ନୃତ୍ୟ ପରିବେଷଣ କରିଥିଲେ । ତର୍ପଣ ପ୍ରଧାନଙ୍କ ନେତୃତ୍ୱରେ ୮ ଜଣିଆ ଉଦ୍‌ଘୋଷକ ଦଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

ସମ୍ବଲପୁରର ଜେଲ ଛକରୁ କଚେରୀ ଛକ ପର୍ଯ୍ୟନ୍ତ ରାଜରାସ୍ତା ଜନସମୁଦ୍ର ପାଲଟି ଯାଇଥିଲା । ସମ୍ବଲପୁରୀ ପୋଷାକ ପିନ୍ଧି ଶିଶୁଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠ ପର୍ଯ୍ୟନ୍ତ ସମସ୍ତେ ସେଇଠାକୁ ମୁହାଁଇଥିଲେ । ସମ୍ବଲପୁରୀ ଗୀତ, ନୃତ୍ୟ, କମେଡ଼ି, ଫେସନ ଶୋ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ସହ ସମ୍ବଲପୁରୀ ରସବରା, ମଣ୍ଡା ଆଦି ବଣ୍ଟନ କରାଯାଇଥିଲା ।

ସେହିପରି ଗଙ୍ଗାଧର ମଣ୍ଡପରେ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ପ୍ରଥମ ଥର ପାଇଁ ଆୟୋଜିତ ସମ୍ବଲପୁରୀ ଦିନ୍‌ରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ପୂର୍ବତନ ନଗରପାଳ ଗିରିଶ ପଟେଲ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସହରରେ ଥିବା ବିଭିନ୍ନ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଦିବସବ୍ୟାପୀ ଉତ୍ସବ ଆରମ୍ଭ ହୋଇଥିଲା । ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟ ସମଲେଶ୍ୱରୀଙ୍କ ମୂର୍ତ୍ତି ସମ୍ମୁଖରେ ପୂଜାର୍ଚ୍ଚନା କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

ଏହି ଅବସରରେ ଚିତ୍ରାଙ୍କନ, ଫ୍ୟାନ୍ସି ସୋ', କବିତା ପାଠୋତ୍ସବ, ରଙ୍ଗୋଲି ପ୍ରତିଯୋଗିତା ଆଦି ଆୟୋଜନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର ବିଚାରକ ବିଶିଷ୍ଟ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ବୃନ୍ଦାବନ ମହାରଣା, ରାଧାରମଣ ମୁଦୁଲି ପ୍ରମୁଖଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ । ସମୀର ରଞ୍ଜନ ବାବୁ ଉଦ୍‌ଘାଟନୀ ଉତ୍ସବର ସଂଯୋଜନା କରିଥିଲେ । ଦୁର୍ଗା ଦାଶ, ରତନ ପୂଜାରୀ ପ୍ରମୁଖଙ୍କ ନିର୍ଦ୍ଦେଶନାରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ଗୀତ ପରିବେଷଣ କରିଥିଲେ ।

ଗଙ୍ଗାଧର ମଣ୍ଡପରେ କଣ୍ଠଶିଳ୍ପୀ ଅଭିଲିପ୍ସା ପଣ୍ଡାଙ୍କ କଣ୍ଠରୁ ହର ହର ଶମ୍ଭୁ ଗୀତ ପଦକ ଶୁଣିବା ଲାଗି ପ୍ରବଳ ଜନ ଗହଳି ପରିଲକ୍ଷିତ ହୋଇଥିଲା । ଦର୍ଶକ ମାନେ ତାଙ୍କ ସହ ତାଳ ଦେଇ ଶମ୍ଭୁ ... ଶମ୍ଭୁ କହିଥିଲେ ।

ସମ୍ବଲପୁରୀ କଳା ପରିଷଦ, ରଙ୍ଗ ଫରୁଆ, ସାଇ ଶିକ୍ଷା ପରିଷଦ, ଦୟାନନ୍ଦ ପ୍ଲେ ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, ବେଦିକ ଇଣ୍ଟରନ୍ୟାସନାଲ ସ୍କୁଲ, ବିକାଶ ସ୍କୁଲ ଓ ସ୍ୱୟମ ସ୍କୁଲର କଳାକାର ଏବଂ ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ । ସେହିପରି ପ୍ରୀତିନନ୍ଦା ମିଶ୍ର, ସ୍ମିତିକା ମିଶ୍ର, ପୁଷ୍ପରାଜ ସୁନା, ଅର୍ପିତା ମିଶ୍ର ଓ ଶାନ୍ତନୁ ସାହୁ ସମ୍ବଲପୁରୀ ଗୀତ ଗାନ କରିଥିଲେ । ଏଥିସହ ରାଜକୁମାର ଜାଲ କେଁ କଟକଟ ଶଗଡ ଗାଡି....., ଲିପିକା ବିଭାର ଏଜନ୍ ହାଏରେ ...., ଉମାକାନ୍ତ ବାରିକ ଲେ ଲେ ବଉଲ ରମାକାନ୍ତ ହରିପାଲ ହଳଦି ମଖା ଗାଲ ଦୁଇଟା... ଗୀତ ଗାନ କରି ଦର୍ଶକଙ୍କୁ ବିଭୋର କରିଥିଲେ । ଏହାପରେ ସମ୍ବଲପୁରୀ ଫେସନ ଶୋ ହୋଇଥିଲା । ବବି ମେହେର, ସମ୍ବଲିକା, ପଦ୍ମିନୀ ଓ ସଚିନ୍‌ଙ୍କ ସଂଯୋଜନାରେ ଏହା ହୋଇଥିଲା । ସନ୍ଧ୍ୟାରେ ଜିଲାପାଳ ଅନନ୍ୟା ଦାସ, ଆରକ୍ଷୀ ଅଧିକ୍ଷକ ବାତୁଲା ଗଙ୍ଗାଧର ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ମନୋଜ ମିଶ୍ର ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଅରୁଣ ପ୍ରସନ୍ନ ସେଠ, ଦିଲୀପ କୁମାର ବାଗ, ଡ୍ୟାନ୍ସ ଦିୱାନେ ଜୁନିୟର ପ୍ରତୀକ ନାୟକ, ମିସ୍ ଇଣ୍ଡିଆ ପ୍ଲାନେଟ ବିଜୟିନୀ ଅନ୍ୱେଷା ଅଦିତୀ ମହାପାତ୍ର, ଗାୟିକା ଡ. କ୍ରିଷ୍ଣା ପଟେଲ ଓ ଅଭିଲିପ୍ସା ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା । ନାରୀ ସେବା ସଦନ ଠାରେ ଡ୍ରଇଂ, ରଙ୍ଗୋଲି ଓ ଝୁଟି ପ୍ରତିଯୋଗିତା ହୋଇଥିଲା । ଗଙ୍ଗାଧର ମଣ୍ଡପରେ ଫେନ୍ସି ଡ୍ରେସ ପ୍ରତିଯୋଗିତା ଓ ବିଶିଷ୍ଟ କଳାକାରଙ୍କ ଦ୍ୱାରା ଲାଇଭ ପେଣ୍ଟିଂ ୱାର୍କସପ ହୋଇଥିଲା । ଏହି କାର୍ଯ୍ୟକ୍ରମ ଆୟୋଜନରେ ସମ୍ବଲପୁରୀ ଏକତା ମଞ୍ଚର ସମୀର ରଞ୍ଜନ ବାବୁ, ଡାକ୍ତର ସଞ୍ଜିବ ମିଶ୍ର, ତ୍ରିଲୋଚନ ତ୍ରିପାଠୀ, କମଳଲୋଚନ ପଣ୍ଡା, ମନୋଜ ଚୌଧୁରୀ, ହାସିମ ରାଜା, ରାଜିବ ସାହୁ, ରାମଶଙ୍କର ମିଶ୍ର, ମୋହନ ଦାଶ, ଅରୁଣ ଦାଶ, ଇଂ. ଚନ୍ଦ୍ରଶେଖର ନାୟକ, ମୋହିତ ନାଏକ, ସଦାନନ୍ଦ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ସୁବର୍ଣ୍ଣପୁରରେ 'ସମ୍ବଲପୁରୀ ଦିନ' ପାଳିତ

ସୋନପୁର: ସୁବର୍ଣ୍ଣପୁରରେ 'ସମ୍ବଲପୁରୀ ଦିନ' ପାଳିତ ହୋଇଛି । ଏଥିଲାଗି କାର୍ଯ୍ୟକ୍ରମ ଅନେକ ସଚେତନତା କାର୍ଯ୍ୟକ୍ରମ ମଧରେ ଦୁଇଦିନ ଧରି ଏହି ଦିବସ ପାଳନର ତାତ୍ପର୍ଯ୍ୟ ସହ ସହରବାସୀଙ୍କୁ ଉକ୍ତ ଦିନ ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବା ଲାଗି ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ପ୍ରସାର କରାଯାଇଥିଲା । ସକାଳୁ ହଜାର ହଜାର ଦର୍ଶକ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଉତ୍ସବକୁ ଆସିଥିଲେ ଏବଂ ମଧାହ୍ନ ପର୍ଯ୍ୟନ୍ତ ନାଚଗୀତର ଭରପୁର ମଜା ଉଠାଇଥିଲେ । ଉଦଘାଟନୀ ସଭାରେ ସୁବର୍ଣ୍ଣପୁର ଏସ.ପି ଅମରେଶ ପଣ୍ଡା ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ ସମ୍ମାନିତ ଅତିଥି, ପ୍ରାଧାପକ ଡ.ପୁରୁଷୋତ୍ତମ ମିଶ୍ର, ତରୁଣ ବହିଦାର, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭ୍ୟ ଶାଶ୍ୱତ କୁମାର ତ୍ରିପାଠୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗୁରୁଶ୍ରୀ ବହିଦାରଙ୍କ ନାତି ତରୁଣ ବହିଦାରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ହିମାଂଶୁ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେବାଶିଷ ପଟ୍ଟନାୟକ, ସନ୍ତୋଷ ମେହେର, ତିୱାନି ଦାନି, ଭାଗିରଥ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାର ଅନେକ କଳାକାର ଯୋଗଦେଇ ନାଚଗୀତ ମାଧମରେ ସମସ୍ତ ଦର୍ଶକଙ୍କର ମନୋରଞ୍ଜନ କରିଥିଲେ । ଆଜିର ଏହିଦିନକୁ ଆହୁରି ସ୍ମୃତିମୟ କରିବା ଲାଗି ଆୟୋଜକ କମିଟି ପକ୍ଷରୁ ରକ୍ତଦାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା ।

# ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସମ୍ବଲପୁରୀ ଦିନ୍

ସମ୍ବଲପୁର: ନାରୀଜାଗରଣ କେନ୍ଦ୍ର ଆନୁକୂଲ୍ୟରେ ଥିବା ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ 'ସମ୍ବଲପୁରୀ ଦିନ' ପାଳିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର ପ୍ରତିଭା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସୁଶ୍ରୀ ପ୍ରମିଳା ବହିଦାର ଶ୍ରୀମତୀ କଲ୍ୟାଣ ମିଶ୍ର, ତପସ୍ୱିନୀ ସାହୁ, ଜ୍ୟୋସ୍ନାରାଣୀ ପଣ୍ଡା ପ୍ରମୁଖ ଅତିଥିମାନେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ କୁନି ଲତା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ‘ସମ୍ବଲପୁରୀ ହବ୍’ର ସମ୍ବଲପୁରୀ ଦିନ୍






ସମ୍ବଲପୁର: ‘ସମ୍ବଲପୁରୀ ହବ୍’ ପକ୍ଷରୁ ‘ସମ୍ବଲପୁରୀ ଦିନ୍’ ମହାସମାରୋହରେ ପାଳିତ ହୋଇଯାଇଛି । ଏ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ର୍ୟାମ୍ପ ସୋ’, ଦେଶୀ ପାୟଝଲ ସୋ ଆୟୋଜିତ ହୋଇଥିଲା । ଡକ୍ଟର ରାଧାନାଥ ରଥ କମ୍ୟୁନିଟି ହଲରେ ଆୟୋଜିତ ଏହି ଦିବସ ବ୍ୟାପୀ କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଅନ୍ୟାନ୍ୟମାନଙ୍କ ମଧରେ ଏଡଭୋକେଟ ଦୀନଦୟାଲ ଅଗ୍ରୱାଲ, ଶିବନାରାୟଣ ଶତପଥି, ଭକ୍ତ ପ୍ରସାଦ ନନ୍ଦ, ବନ୍ଦିତା ପୂଜାରୀ, ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ । ଅଧାପିକା ସୀମନ୍ତିକା ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଶାନ୍ତନୁ ସାହୁଙ୍କ ସମଲେଶ୍ୱରୀ ଭଜନ ଗାନରୁ ଆରମ୍ଭ ହୋଇଥିଲା । ଏହାଛଡ଼ା ସିଦ୍ଧାର୍ଥ ବାରିକ, ଡକ୍ଟର ଶ୍ୟାମ ସୁନ୍ଦର ଧର, ସୌରଭ ଷଡ଼ଙ୍ଗୀ ପ୍ରମୁଖ ମଧ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ । ସମ୍ବଲପୁରୀ କପଡ଼ା ପରିଧାନ କରି ଛୋଟ ଛୋଟ ଶିଶୁମାନଙ୍କର ର୍ୟାମ୍ପ ସୋ’ ଉତ୍ସବର ମୁଖ୍ୟ ଆକର୍ଷଣ ହୋଇଥିଲା । ଅପରାହ୍ନରେ ଶାସ୍ତ୍ରୀୟ ନୃତ୍ୟ ବିଶେଷଜ୍ଞ ତଥା କୋରିଓଗ୍ରାଫର ଶାଶ୍ୱତ ଯୋଶୀ ଅତିଥି ରୂପେ ଯୋଗଦେଇ କଳାକାରମାନଙ୍କୁ ସମ୍ମାନିତ କରିବା ସାଙ୍ଗକୁ ସେମାନଙ୍କ ସହ ନୃତ୍ୟ ପରିବେଷଣ କରିବା କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ।

ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ମଧ ଏଥିରେ ଅତିଥି ରୂପେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ବଲପୁରୀ ‘ହବ୍’ର ପ୍ରତିଷ୍ଠାତା ଶ୍ୟାମ ସାମନ୍ତରାୟ, ସହ ପ୍ରତିଷ୍ଠାତା ରାଜୀବ ଲୋଚନ ପାଢ଼ୀ, ରାଜୀବ ସୋନୀ, ସୁନୀତା ସୋନୀ ଓ ନେହା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଆଦ୍ୟାଶା ଆନ୍ତର୍ଜାତୀୟ ଜୁନିଅର ମଡେଲ ପ୍ରତିଯୋଗିତା ପାଇଁ ମନୋନୀତ

ସମ୍ବଲପୁର : କୁମାରୀ ଆଦ୍ୟାଶା ମଞ୍ଜରୀ ପଟ୍ଟନାୟକ ଆନ୍ତର୍ଜାତୀୟ ଜୁନିଅର ମଡେଲ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ପଶ୍ଚିମ ଓଡ଼ିଶାରୁ ସେ ଏକମାତ୍ର ଝିଅ ଯେ କି, ଏହି ଆନ୍ତର୍ଜାତିକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ଗତମାସ ସେ କେରଳର କୋଚି ଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ‘ଜୁନିଅର ମଡେଲ ଇଣ୍ଟରନ୍ୟାସନାଲ ଇଣ୍ଡିଆ’ ଟାଇଟିଲ ହାସଲ କରିଥିଲେ । ଆଦ୍ୟାଶା ଇତି ମଧରେ ରାଜ୍ୟପାଳ ପ୍ରଫେସର



ଗଣେଶୀଲାଲଙ୍କୁ ସାକ୍ଷାତ କରି ତାଙ୍କ ସଫଳତା ସମ୍ପର୍କରେ ଜଣାଇଥିଲେ । ସେ ଆସନ୍ତା ଅକ୍ଟୋବର ମାସରେ ଥାଇଲ୍ୟାଣ୍ଡରେ ହେବାକୁ ଥିବା ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବେ । ସ୍ଥାନୀୟ ଏ.ଏନ୍. ଗୁହା ଲେନ୍ ବାସିନ୍ଦା ରାଜେଶ ରୋଶନ ପଟ୍ଟନାୟକ ଓ ଜ୍ୟୋତି ମଞ୍ଜରୀ ସିଂ ବରିହାଙ୍କ କନ୍ୟା ଆଦ୍ୟାଶା ବର୍ତ୍ତମାନ ବିକାଶ ସ୍କୁଲରେ ଅଧ୍ୟୟନ କରୁଛନ୍ତି । ସେ ‘ଉଡାନ’ ଅନୁଷ୍ଠାନରେ ତାଲିମ ନେଉଛନ୍ତି । ‘ଉଡାନ’ ଅନୁଷ୍ଠାନ ପକ୍ଷରୁ ତାଙ୍କ ସଫଳତା ପାଇଁ ରମେଶ ସାହା ଏବଂ ତମନ୍ନା ସାମନ୍ତରାୟ ଅଭିନନ୍ଦନ ଜଣାଇଛନ୍ତି ।

# ସମ୍ବଲପୁର ଫଟୋଗ୍ରାଫର ଏସୋସିଏସନ ସମ୍ମାନିତ



ସମ୍ବଲପୁର : କୋଲକତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମ ଠାରେ ଆୟୋଜିତ ଫଟୋ ଫେୟାରରେ ସମ୍ବଲପୁର ଫଟୋଗ୍ରାଫର ଏସୋସିଏସନକୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବଲପୁର ଏସୋସିଏସନର ସଭ୍ୟ ଅଶୋକ ପଟେଲ, ନିର୍ମଳ ଜେନା (ମଣ୍ଟୁ), ମନୋଜ କଚ୍ଛ ପ୍ରମୁଖ ଅନୁଷ୍ଠାନର ସଭାପତିଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ ।

# କବି ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପାଳିତ

ସମ୍ବଲପୁର : ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦ ପକ୍ଷରୁ କବି ବହିଦାରଙ୍କ ଜୟନ୍ତୀ ପାଳନ ଅବସରରେ କବି ଗୁଣରଂଜନ ସାଲିମା ଏବଂ କବୟିତ୍ରୀକ କଲ୍ୟାଣୀ ପ୍ରଧାନଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପାଲା ଗାୟିକା ଭବାସିନୀ ଭଇଁସାଲ, ଭଜନ କଳାକାର ସାଧୁ ସେଠ୍ ଏବଂ ନୃତ୍ୟ କଳାକାର ମୀନାକ୍ଷୀ ଅଡ଼ାଙ୍କୁ ସମ୍ମାନିତ କରାଯାଇଥିଲା । ପରେ ଗାୟିକା ଭଇଁସାଲ ଏବଂ ସାଥୀ ପାଲା ପରିବେଷଣ କରିଥିଲେ । ଏହି ଉତ୍ସବରେ ସଂସଦର ସଭାପତି ଜନ୍ମେଜୟ ବାବୁ ଅଧ୍ୟକ୍ଷତା କରିଥିବା ବେଳେ ସଂପାଦକ ବିଭୂତି ଭୂଷଣ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ ।



# ଭାରତୀ କଳା ବିକାଶ କେନ୍ଦ୍ରରେ ସମ୍ବଲପୁରୀ ଦିନ୍




ବୁର୍ଲା : ଭାରତୀ କଳା ବିକାଶ କେନ୍ଦ୍ର ପରିସରରେ ସମ୍ବଲପୁରୀ ଦିନ୍ କବିତା ପାଠ, ନାଚ, ଗୀତ, ବାଦ୍ୟ ଆଦି ଆସରରେ ପାଳିତ ହୋଇ ଯାଇଛି । ଡକ୍ଟର ପ୍ରେମଚାନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ନିରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା, ରାମକୃଷ୍ଣ ରଥ ସମ୍ମାନୀୟ ଅତିଥି ରୂପେ ଯୋଗ ଦେଇଥିଲେ । ସମ୍ବଲପୁରୀ ନୃତ୍ୟ ଗୀତର ଆସର ପରେ ଗୁରୁ ଶ୍ରୀ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶନାରେ କେନ୍ଦ୍ରର ଛାତ୍ରୀ ବି ମଧୁସ୍ମିତା, ପ୍ରତୀକ୍ଷା, ରୋଷଣୀ, ଏଓ୍ୱାଲ, ସୀମରନ୍, ଜାହ୍ନବୀ, ଶ୍ରଦ୍ଧା, ଉଜ୍ଜୟିନୀ, ଲାବଣ୍ୟବତୀ, ଲୀପ୍ସା, ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ । ଶ୍ରୀଜୀତା, ସୃଷ୍ଟି ଶ୍ରୀୟାଂଶୁ, ଆହାନା, ନୀକିତା, ପଦ୍ମିନୀ, ପ୍ରମିଳା, ପାୟଲ ରଙ୍ଗବତୀ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ କେନ୍ଦ୍ରର ସଂଗଠନ ସମ୍ପାଦକ ଶ୍ରୀ ପ୍ରମୋଦ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା କରିଥିଲେ ସଂଗଠନ ସମ୍ପାଦକ ପ୍ରମୋଦ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତାଙ୍କୁ ଗୁରୁ ସତ୍ୟବ୍ରତ ସାହୁ, ରଶ୍ମୀରଞ୍ଜନ ଶତପଥୀ, ଫଗୁନୁ ସେଠ, କୈଳାଶ ଚନ୍ଦ୍ର ମିଶ୍ର ସହଯୋଗ କରିଥିଲେ ।

# ସାପ୍ତାହିକ ‘ନବୀନ’ର ୯୩ତମ ସ୍ୱନକ୍ଷତ୍ର ଦିବସ





ଭୁବନେଶ୍ୱର: ରାଜ୍ୟର ସର୍ବପୁରାତନ ସାପ୍ତାହିକ ସମ୍ବାଦପତ୍ର ବ୍ରହ୍ମପୁରରୁ ପ୍ରକାଶିତ ‘ନବୀନ’ର ୯୩ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି, ସୂଚନା ଓ ଲୋକସମ୍ପର୍କ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସମ୍ମାନିତ ଅତିଥି ଓ ‘ସମ୍ବାଦ’ର ସମ୍ପାଦକ ତଥା ବରିଷ୍ଠ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶା ପର୍ଯ୍ୟଟନ ନିଗମର ପୂର୍ବତନ ଅଧକ୍ଷା ଶ୍ରୀମୟୀ ମିଶ୍ର, ବିଜେବି କଲେଜର ପୂର୍ବତନ ପ୍ରଫେସର ତଥା ଐତିହାସିକ କୈଳାସ ଚନ୍ଦ୍ର ଦାସ ମଧ ଏଥିରେ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ବଡିବିଲ୍ଡର ତଥା ସମାଜସେବୀ ଏସ୍ ଅଜିତ ସ୍ୱାମୀ ପାତ୍ର ଓ ସମାଜସେବୀ ତଥା କୋରାପୁଟ ଶୋଭାର ସମ୍ପାଦକ ସଞ୍ଜିତ କୁମାର ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଇଥିଲା । ଆରମ୍ଭରେ ପତ୍ରିକାର ସମ୍ପାଦକ ରବୀ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରକାଶିକା ମଞ୍ଜୁ ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବିଶେଷ ସୂଚନା

କାଗଜ ଓ ଅନ୍ୟାନ୍ୟ ସାମଗ୍ରୀର ଅହେତୁକ ଦର ବୃଦ୍ଧି ଯୋଗୁଁ ବାର ପୃଷ୍ଠା ବିଶିଷ୍ଟ ‘ସ୍ୱୀକାର’ ୧୦ ଟଙ୍କାରେ ଯୋଗାଇ ଦେବାକୁ ଆଉ ସମ୍ଭବ ହେଉ ନାହିଁ । ଏଥିପାଇଁ ଏହି ସଂଖ୍ୟାରୁ ଏହାକୁ ୮ ପୃଷ୍ଠାରେ ସୀମିତ ରଖିବାକୁ ବାଧ ହେଉଛୁ । ଆଶା, ପାଠକ ପାଠିକାମାନେ ତାଙ୍କ ପୂର୍ବଭଳି ଆମ ପ୍ରତି ସହଯୋଗ ଓ ଆଶୀର୍ବାଦ ଅଭ୍ୟାହତ ରଖିବେ ।

ପରିଚାଳକ ‘ସ୍ୱୀକାର’

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra